


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୯ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 November 2025

Vol.No. 36 ■ No.304 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


# ଗୁରୁବାର ଶପଥ ନେବେ ନୀତୀଶ କୁମାର

## କିନ୍ତୁ ଗୃହ ବିଭାଗକୁ ନେଇ ବିଜେପି-ଜେଡିୟୁ ଟଣାଓଟରା



ନୂଆଦିଲ୍ଲୀ,୧୮/୧୧ : ନଭେମ୍ବର ୨୦ ଅର୍ଥାତ ଗୁରୁବାର ବିହାରରେ ରେକର୍ଡ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଜେଡିୟୁ ସୁପ୍ରିମୋ ନୀତୀଶ କୁମାର। ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନରେ ବିଜେପି ଓ ଜେଡିୟୁ ନେତୃତ୍ୱାଧୀନ ଏନଡିଏ ରେକର୍ଡ ୨୦୨ଟି ଆସନ ଦଖଲ କରିଥିଲା। ନଭେମ୍ବର ୨୦ରେ ଶପଥ ପାଠ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ନୀତୀଶ କୁମାରଙ୍କ କ୍ୟାବିନେଟ କେମିତି ରହିବ, ତା' ଉପରେ ସମସ୍ତଙ୍କ ନଜର ରହିଛି। ଏବେ କ୍ୟାବିନେଟରେ ଗୃହ ବିଭାଗ କାହାକୁ ମିଳିବ ତା'କୁ ନେଇ ଦୁଇ ସହଯୋଗୀ ବିଜେପି ଓ ଜେଡିୟୁ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଏଥିଯୋଗୁ ନୀତୀଶଙ୍କ ନୂଆ କ୍ୟାବିନେଟରେ ବାଧା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ସୂତ୍ର ଅନୁସାରେ, ନୀତୀଶ କୁମାରଙ୍କ ଜେଡିୟୁ ନିଜ ପାଖରେ ଶକ୍ତିଶାଳୀ ଗୃହ ବିଭାଗ ରଖିବାକୁ ଚାହୁଁଛି। କିନ୍ତୁ ବିଜେପି ଏକାକୀ ୮୯ଟି ଆସନ ବିହାରରେ ଜିତିଥିବାରୁ ସରକାରରେ ବଡ଼ ଭାଇ ପଣିଆ ଦେଖାଉଛି। ଦଳ ମୁଖ୍ୟମନ୍ତ୍ରୀ ପଦ ନୀତୀଶ କୁମାରଙ୍କୁ ଛାଡ଼ିଥିବାରୁ ଗୃହ ବିଭାଗ ନିଜ ପାଖରେ ରଖିବାକୁ ଚାହୁଁଛି। କିନ୍ତୁ ୮୫ଟି ଆସନ ଜିତିଥିବା ଜେଡିୟୁ ଗୃହ ବିଭାଗ ଛାଡ଼ିବା ମୁଡରେ ନାହିଁ। ପୂର୍ବରୁ ନୀତୀଶ କୁମାର ଶକ୍ତିଶାଳୀ ଗୃହ ବିଭାଗ ନିଜ ପାଖରେ ରଖି ଆସିଛନ୍ତି। ଏଥର ମଧ୍ୟ ସେ ଗୃହ ବିଭାଗ ରଖିବାକୁ ଚାହୁଁଛନ୍ତି। ହେଲେ ବିଜେପି ଏଥିରେ ରାଜି ହେଉନାହିଁ। ପୂର୍ବରୁ ଉଭୟ ଜେଡିୟୁ ଓ ବିଜେପି ବିହାର ବିଧାନସଭାର ବାଚସ୍ପତି ପଦକୁ ନେଇ ବିବାଦ ଦେଖାଯାଇଥିଲା। ବାଚସ୍ପତି ପଦ ଯେକୌଣସି ପରିସ୍ଥିତିରେ ବିଜେପି ନିଜ ପାଖରେ ରଖିବାକୁ ଚାହୁଁଛି। ହେଲେ ଜେଡିୟୁ ବାଚସ୍ପତି ପଦ ମଧ୍ୟ ଚାହୁଁଛି। ବାଚସ୍ପତି ସହ ଗୃହ ବିଭାଗ ଜେଡିୟୁ ଓ ବିଜେପି ଉଭୟ ଚାହୁଁଥିବାରୁ ଶେଷ ମୁହୂର୍ତ୍ତରେ ନୀତୀଶ କୁମାରଙ୍କ କ୍ୟାବିନେଟ ଗଠନରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ସ୍ଥିତି ବିବାଦୀୟ ହେଉଥିବାରୁ ବୁଧବାର ସନ୍ଧ୍ୟାରେ ଅମିତ ଶାହ ପାଟନାରେ ପହଞ୍ଚିବେ। ଯଦିଓ ସେ ଗୁରୁବାର ଶପଥ ପାଠ ଉତ୍ସବ ପାଇଁ ଆସୁଥିବା କୁହାଯାଉଛି, କିନ୍ତୁ କ୍ୟାବିନେଟ ଗଠନରେ ଶ୍ରୀ ଶାହ ମଧ୍ୟ ହସ୍ତକ୍ଷେପ କରିବେ ବୋଲି ଜଣାପଡ଼ିଛି। ଶାହଙ୍କ ବ୍ୟତୀତ ବୁଧବାର ସନ୍ଧ୍ୟା ସୁଦ୍ଧା ପାଟନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜନାଥ ସିଂହ ଓ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପାଟନାରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଶପଥ ପାଠ କାର୍ଯ୍ୟକ୍ରମ ପୂର୍ବରୁ ଜେଡିୟୁ ନେତା ସଞ୍ଜୟ ଝା ଓ ଲଲନ ସିଂହ ଦିଲ୍ଲୀରେ ଅମିତ ଶାହଙ୍କୁ ଭେଟିଛନ୍ତି। ବିଜେପି ଅଧକ୍ଷ ଜେପି ନଡ୍ଡା ମଧ୍ୟ ସରକାର ଗଠନ ପୂର୍ବରୁ ହୋଇଥିବା ୩ ଘଣ୍ଟାର ରୁଦ୍ଧଦ୍ୱାର ବୈଠକରେ ସାମିଲ ହୋଇଥିଲେ।

# ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଲେ କୁଖ୍ୟାତ ମାଓବାଦୀ ମାଡଭୀ ହିଡମା ଓ ତାଙ୍କ ପତ୍ନୀ



ଛତିଶଗଡ଼ , ୧୬/୧୧ (ନି.ପ୍ର): କୁଖ୍ୟାତ ମାଓବାଦୀମାଡଭୀ ହିଡମାର ସବୁ ଖେଳ ଶେଷ। ଏକାଧିକ ରାଜ୍ୟରେ ପୁଲିସ୍‌ର ନିଦ ହଜାଇ ଦେଇଥିବା ହିଡମାର ହୋଇଛି ଦି ଏଣ୍ଡ। ଦୀର୍ଘ ବର୍ଷ ହେଲାଣି ନକ୍ସଲ ସାମ୍ରାଜ୍ୟରେ ନିଜର ଦବଦବା ଜାରି ରଖିଥିବା ହିଡମା ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି। ସୁରକ୍ଷାକର୍ମୀ ଓ ସାଧାରଣ ଲୋକଙ୍କ ଉପରେ ୨୬ ଥର ଆକ୍ରମଣ କରିଥିବା ହିଡମା ଓ ତା'ର କିଛି ସାଥୀ ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଆଲ୍ଲୁରି ସୀତାରାମରାଜ ଜିଲ୍ଲାରେ ଆଜି ହୋଇଥିବା ଏନକାଉଣ୍ଟରରେ ଏଭଳି ସଫଳତା ମିଳିଛି। ଆନ୍ଧ୍ର -ଛତିଶଗଡ଼-ଓଡ଼ିଶା ସୀମାରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହି ସୂଚନା ପରେ ଆରମ୍ଭ ହୋଇଥିଲା ଅପରେସନ। ଏହି ସମୟରେ ମାରେଡୁମିଲ୍ଲି ଜଙ୍ଗଲ ନିକଟରେ ଆନ୍ଧ୍ର ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଭୟଙ୍କର ଗୁଳି ବିନିମୟ। ଏଥିରେ ହିଡମା ଓ ତା'ର ପତ୍ନୀ ସମେତ ୬ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ଏବେ ବି ଅପରେସନ ଜାରି ରହିଥିବାରୁ ଆଗକୁ ଆହୁରି ଅନେକ ମାଓବାଦୀଙ୍କ ମୃତଦେହ ମିଳିବାର ଆଶା ରହିଛି। ଆନ୍ଧ୍ର ପ୍ରଦେଶ ଡିଜିପି ହରିଶ କୁମାର ଗୁପ୍ତା କହିଛନ୍ତି ଯେ ଆଜି ସକାଳ ୬ଟାରୁ ୭ଟା ମଧ୍ୟରେ ଏନକାଉଣ୍ଟର ହୋଇଥିଲା। ଏହି ଗୁଳି ବିନିମୟରେ ୬ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଟପ ମାଓବାଦୀ ଲିଡର ରହିଛି। ଏବେ ଗୋଟିଏ ବଡ଼ଧରଣର କମ୍ବିଂ ଅପରେସନ ଜାରି ରହିଥିବା ସେ କହିଛନ୍ତି। ଜିଲ୍ଲା ଏସ୍‌ପି ଅମିତ ବରଦର କହିଛନ୍ତି, ଏନକାଉଣ୍ଟରରେ ୪ ଜଣ ପୁରୁଷ ଓ ୨ ଜଣ ମହିଳା ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ହିଡମା, ତା'ର ପତ୍ନୀ ରାଜେ ଓ ସେମାନଙ୍କ ବଡିଗାର୍ଡସ ରହିଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶରେ ଥିବା ସୁକମାରେ ଜନ୍ମ ଗ୍ରହଣ କରିଥିବା ହିଡ୍‌ମା ସମୟକ୍ରମେ ପିପୁଲ୍ସ ଲିବେରେସନ ଗରିଲା ଆର୍ମିର ନେତୃତ୍ୱ ନେଇଥିଲା। ସେ ସିପିଆଇ ମାଓବଦୀର କେନ୍ଦ୍ର କମିଟିରେ କନିଷ୍ଠ ସଦସ୍ୟ ଭାବେ ନିଜକୁ ସାମିଲ କରିବାକୁ ସକ୍ଷମ ହୋଇଥିଲା। ମାଓବାଦୀ କାର୍ଯ୍ୟକଳାପର ନିଷ୍ପତ୍ତି ଏହି କେନ୍ଦ୍ରୀୟ କମିଟି ନେଇଥାଏ। ସେ ବସ୍ତର ରିଜନର ଏକମାତ୍ର ଆଦିବାସୀ ସଦସ୍ୟ ଭାବେ କେନ୍ଦ୍ରୀୟ କମିଟିରେ ରହିଥିଲା। ୪୩ ବର୍ଷୀୟ ହିଡମାର ମୁଣ୍ଡ ଉପରେ ୫୦ ଲକ୍ଷରୁ ୧ କୋଟି ଟଙ୍କା ଯାଏ ପୁରସ୍କାର ରହିଥିଲା। ତା' ପତ୍ନୀ ରାଜେ ଓରଫ ରାଜାକ୍କା ମଧ୍ୟ ସବୁବେଳେ ତା' ସହ ରହିଥାଏ। ଆଜି ଏନକାଉଣ୍ଟରରେ ରାଜେ ମଧ୍ୟ ନିହତ ହୋଇଛି। ୨୦୧୦ ମସିହାରେ ଦାନ୍ତେୱାଡାରେ ହୋଇଥିବା ନକ୍ସଲ ଆଟାକ ଠାରୁ ଆରମ୍ଭ କରି ୨୦୧୩ ଝିରାମ ଘାଟିରେ ହୋଇଥିବା ଆମ୍ବୁସ ଭଳି ବଡ଼ବଡ଼ ନକ୍ସଲ ହମଲାରେ ହିଡମା ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଦାନ୍ତେୱାଡା ହମଲାରେ ୭୬ ଜଣ ସିଆରପିଏଫ ଯବାନ ସହିଦ ହୋଇଥିବା ବେଳେ ୨୦୧୩ ଝିରାମ ଘାଟି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରେ ଅନେକ କଂଗ୍ରେସ ନେତା ରହିଥିଲେ। ୨୦୨୧ ସୁକମା-ବିଜାପୁର ଆମ୍ବୁସରେ ମଧ୍ୟ ହିଡମା ସାମିଲ ଥିଲା।

## ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୪ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଖୋର୍ଦ୍ଧା ରୋଡ ମଣ୍ଡଳ ଅନ୍ତର୍ଗତ ତାଳଚେର-ତାଳଚେର ରୋଡ ସେକ୍ସନରେ ଚେନପାଲ ଲେଭଲ୍ କ୍ରସିଂ ଗେଟ୍ ରେ ନିର୍ମାଣଧିନ ରେଳ ଓଭର ବ୍ରିଜ୍ ପାଇଁ ଗାର୍ଡର ଲଂଚ ସମୟରେ ସୁରକ୍ଷାକୁ ଦୃଷ୍ଟିର ରଖି ନଭେମ୍ବର ୧୯ ଓ ୨୦ ତାରିଖରେ ୪ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ହୋଇଛି। ୧୯.୧୧.୨୦୨୫ (ବୁଧବାର) ରେ ଟ୍ରେନ୍ ସଂଖ୍ୟା ୧୮୧୨୫, ରାଉରକେଲା-ପୁରୀ ଏକ୍ସପ୍ରେସ ବାତିଲ ରହିବ। ସେହିପରି ୨୦.୧୧.୨୦୨୫ (ଗୁରୁବାର) ରେ ବାତିଲ ହେଉଥିବା ଟ୍ରେନ ଗୁଡିକ ହେଲା ଟ୍ରେନ୍ ସଂଖ୍ୟା ୧୮୧୨୬, ପୁରୀ-ରାଉରକେଲା ଏକ୍ସପ୍ରେସ , ଟ୍ରେନ୍ ସଂଖ୍ୟା ୨୨୮୩୯, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏବଂ ଟ୍ରେନ୍ ସଂଖ୍ୟା ୨୨୮୪୦, ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି।

## ଆଉ ୪ଟି ନୂଆ ତହସିଲ ସ୍ଥାପନ ପାଇଁ ସରକାରଙ୍କ ନିଷ୍ପତ୍ତି: ୩ ଜିଲ୍ଲାପାଳଙ୍କୁ ମାଗିଲେ ପ୍ରସ୍ତାବ

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ରାଜ୍ୟରେ ଆଉ ୪ଟି ନୂଆ ତହସିଲ ଅଫିସ୍ ଖୋଲିବ । ଭୁବନେଶ୍ୱର, କଟକ ଓ ସମ୍ବଲପୁର ସହରରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ୩ଟି ଜିଲ୍ଲାରେ ଅଧିକ ୪ଟି ତହସିଲ ଅଫିସ୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏନେଇ ସପ୍ତାହକ ମଧ୍ୟରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ୪ଟି ତହସିଲକୁ ମିଶାଇଲେ ରାଜ୍ୟରେ ତହସିଲ ସଂଖ୍ୟା ୩୨୧କୁ ବୃଦ୍ଧି ପାଇବ । ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ମଧୁସ୍ମିତା ସାହୁ ଆଜି ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ନୂଆ ତହସିଲ ଅଫିସ୍ ସ୍ଥାପନ ନିମନ୍ତେ ନିର୍ଦ୍ଧାରିତ ଫର୍ମାଟରେ ପ୍ରସ୍ତାବ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସ୍ତାବକୁ ଅତ୍ୟନ୍ତ ଜରୁରୀ ଭାବେ ବିବେଚନା କରିବାକୁ ମଧ କହିଛନ୍ତି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ମୁଖ୍ୟତଃ ଭୁବନେଶ୍ୱର, କଟକ ଓ ସମ୍ବଲପୁର ଭଳି ସହରରେ ଥିବା ତହସିଲ ଅଫିସ୍ ଉପରେ ଅତ୍ୟଧିକ କାର୍ଯ୍ୟଚାପ ଓ ଜମିଜମା ଓ ଅନ୍ୟାନ୍ୟ ସେବାକୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ଏବେ ସୃଷ୍ଟି ହୋଇଥିବା ବିରାଟ ଆହ୍ୱାନକୁ ଦୃଷ୍ଟିରେ ରଖି ନିଆଯାଇଛି । ଏହି ତହସିଲଗୁଡ଼ିକରେ ସମ୍ପୃକ୍ତ

▶▶ପୃଷ୍ଠା ୭

# ଜିଲ୍ଲାପାଳଙ୍କୁ ଚରମବାଣୀ ଶୁଣାଇଲେ ମୁଖ୍ୟମନ୍ତ୍ରୀ

## ଶାସନତନ୍ତ୍ରରେ ପ୍ରୟୋଗ ହେବ ୯ ସୂତ୍ରୀ ଫର୍ମୁଲା



ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ବିଭିନ୍ନ ପରାମର୍ଶ ଦେଇଛନ୍ତି । ଏଥିରେ ସେ ଜିଲ୍ଲାପାଳମାନଙ୍କୁ ୯ଟି ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଅଧିକ ଫିଲ୍ଡ ଭିଜିଟ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ରାଜସ୍ୱ ମନ୍ତ୍ରୀ ସରକାରୀ କାର୍ଯ୍ୟାଳୟକୁ ଦଲାଲମୁକ୍ତ କରିବାକୁ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମିସନ୍ ପାୱାରକୁ ଗୁରୁତ୍ୱ ଦେଇଛନ୍ତି । ସେ ଜିଲ୍ଲାପାଳଙ୍କ ସମ୍ମିଳନୀରେ ସରକାରୀ ଦପ୍ତରରେ ଓଡ଼ିଆ ଭାଷାର କାର୍ଯ୍ୟକାରିତାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ବିଭିନ୍ନ ବିଭାଗର ଚିଠିପତ୍ର ଓ ବିଜ୍ଞପ୍ତି ଓଡ଼ିଆରେ ଲେଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଛନ୍ତି । ଗଞ୍ଜାମଜିଲ୍ଲା ଆସିକାର ସୁବର୍ଣ୍ଣପୁର ଗାଁରେ ସ୍ୱାଧୀନତାର ୭୮ ବର୍ଷ ପରେ ମଧ ବିଦ୍ୟୁତ୍ ସଂଯୋଗ ନଥିବାରୁ ପିଲାମାନେ ଲଣ୍ଠନ ଓ ମହମବତୀରେ ପାଠ ପଢୁଥିବା ବିଷୟରେ ସେ ଉଦବେଗ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ତୁରନ୍ତ ସେହି ଗାଁକୁ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳ ସମ୍ମିଳନୀରେ ଦୁର୍ନୀତି ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସରକାରୀ କାର୍ଯ୍ୟାଳୟ ଦଲାଲମୁକ୍ତ ହେବା ଦରକାର ଏବଂ ମିଡିଲ୍ ମ୍ୟାନ୍ ସିଷ୍ଟମ ହଟିବା ଆବଶ୍ୟକ । ସରକାରଙ୍କ ଲକ୍ଷ୍ୟ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ ଶାସନ ହେବା ଦରକାର । ଖବରକାଗଜରେ ପ୍ରକାଶ ପାଉଥିବା ଭିଜିଲାନ୍ସ ରେଡ୍, ମୃତ ଲୋକଙ୍କ ନାମରେ ଜମି ପଞ୍ଜିକରଣ, ଓ ଅନ୍ୟ ଲୋକଙ୍କୁ ଠିଆ କରି ଜମି ପଞ୍ଜିକରଣ ଭଳି ଘଟଣାକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି । ସେ ଅଧିକାରୀମାନଙ୍କୁ ଆଖି କାନ ଖୋଲା ରଖିବାକୁ ଏବଂ ନାକ ତଳେ କଣ ହେଉଛି ତା'ର ଖବର ରଖିବାକୁ ପରାମର୍ଶ ଦେଇଛନ୍ତି । ଭିଜିଲାନ୍ସ ଧରିବା ପୂର୍ବରୁ ଅଧିକାରୀମାନେ ନିଜେ ଦୁର୍ନୀତିକୁ ଧରିବା ଉଚିତ ବୋଲି ସେ କହିଛନ୍ତି । ଏହା ସହ ଆଜିର କାମକୁ କାଲି ପର୍ଯ୍ୟନ୍ତ ନରଖିବାକୁ ମଧ ପରାମର୍ଶ ଦେଇଛନ୍ତି । ରାଜସ୍ୱ ବିଭାଗ ୨୪,୦୦୦ ଶିକ୍ଷାନୁଷ୍ଠାନକୁ ପଟ୍ଟା ଦେବାରେ ସଫଳ ହୋଇଥିବା ବେଳେ ୨୫,୦୦୦ ଭୂମିହୀନଙ୍କୁ ଜମି ଦେଇଛି। ତେବେ ଏଥିରେ ସରକାର ସନ୍ତୁଷ୍ଟ ନଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଅଧିକ ପିପୁଲ୍ସ ଫ୍ରେଣ୍ଡଲି ହେବାର ଆବଶ୍ୟକତା ରହିଛି । ଆମେ ଜନତାଙ୍କ ସେବକ, ତେଣୁ ଲୋକଙ୍କୁ ସେବା ଯୋଗାଇବା ଆମର ଦାୟିତ୍ୱ। ଅଫିସ ଆସିବା କ୍ଷଣି ମାଲିକ ଭାବରେ ସେବା ଯୋଗାଇବା ଦରକାର ।

## ରାଜ୍ୟରୁ ତଡାହେବେ ବେଆଇନ ବାଂଲାଦେଶୀ



ଭୁବନେଶ୍ୱର, ୧୮/୧୧ (ନି.ପ୍ର): ରାଜ୍ୟରୁ ତଡ଼ା ଖାଇବେ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀ ନାଗରିକ। ଏ ନେଇ ଆଭିମୁଖ୍ୟକୁ ଆହୁରି କଠୋର କରିଛନ୍ତି ରାଜ୍ୟ ସରକାର। ଅବୈଧ ଭାବେ ରହୁଥିବା ବାଂଲାଦେଶୀଙ୍କୁ ତଡ଼ିବା ପ୍ରକ୍ରିୟା ଆରମ୍ଭ କରାଯାଇଥିବା କହିଛନ୍ତି ଆଇନମନ୍ତ୍ରୀ। ସେପଟେ ଜଗତସିଂହପୁର ପରେ ଭଦ୍ରକ, କେନ୍ଦୁଝର ଓ ପୁରୀରେ ବି ଆକ୍ସନ ମୋଡକୁ ଆସିଛି ପୋଲିସ। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗରେ ଆଜି ଏମିତି କଡ଼ା ବୟାନ ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି, ଯେଉଁଠି ଯେଉଁଠି ଅନୁପ୍ରବେଶକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଇ ଦେଶରୁ ତଡାଯିବ ।ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ବେଆଇନ୍ ଅନୁପ୍ରବେଶକାରୀଙ୍କୁ କୌଣସି ହାଲତରେ ଛଡାଯିବ ନାହିଁ । ବିଜେପି ସରକାର ଆସିବା ପରେ ଗୋଟିଏ ପର୍ଯ୍ୟାୟରେ ଏହି କାମ ଶେଷ ହୋଇଛି ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ସେମାନଙ୍କ କାର୍ଯ୍ୟକୁ ତଦାରଖ କରାଯିବ । ଏମାନଙ୍କ ଉପରେ କୋଷ୍ଟ ଗାର୍ଡ ନିରୀକ୍ଷଣ କରୁଛି। ଓଡିଶାର ତଟ ସମ୍ପୂର୍ଣ୍ଣ ସୁରକ୍ଷିତ।

▶▶ପୃଷ୍ଠା ୭

# ଭାରତ ଅଣାଯାଉଛି ଗ୍ୟାଙ୍ଗଷ୍ଟର ଅନମୋଲ ବିଷ୍ଣୋଇ



ନୂଆଦିଲ୍ଲୀ,୧୮/୧୧ : ଭାରତକୁ ବଡ଼ ସଫଳତା। ଏକାଧିକ ହାଇପ୍ରୋଫାଇଲ ମାମଲାର ମୋଷ୍ଟୱାଣ୍ଟେଡ ଅନମୋଲ ବିଷ୍ଣୋଇକୁ ଆମେରିକା ପକ୍ଷରୁ ଭାରତକୁ ହସ୍ତାନ୍ତର କରାଯାଇଛି। ଅନମୋଲ ହେଉଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ସାନ ଭାଇ। ଆଜି ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ହେବା ପରେ ଭାରତୀୟ ଅଧିକାରୀମାନେ ଅନମୋଲକୁ ଧରି ସ୍ୱଦେଶ ଫେରୁଛନ୍ତି। ଆସନ୍ତାକାଲି ଅନମୋଲ ଭାରତରେ ପହଞ୍ଚିବ। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଧିକିଙ୍କ ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ଭାଇଜାନ ସଲମାନ ଖାନଙ୍କ ଘର ବାହାରେ ଗୁଳି ମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛି ଅନମୋଲ। ଏହାବାଦ ଆହୁରି ଅନେକ ଅପରାଧିକ କାର୍ଯ୍ୟକଳାପରେ ଅନମୋଲର ଭୂମିକା ରହିଛି। ବିଷ୍ଣୋଇ ଗ୍ୟାଙ୍ଗ ଉତ୍ତର ଆମେରିକାର ତା'ର ନେଟୱର୍କ ଚଳାଉଥିବା ବେଳେ କିଛି ଦିନ ତଳେ ଆମେରିକାରେ ଧରାପଡ଼ିଥିଲା ଅନମୋଲ। ଏହାପରେ ଭାରତୀୟ ଏଜେନ୍ସି ପକ୍ଷରୁ ତା'ର ପ୍ରତ୍ୟର୍ପଣ ଦାବି କରାଯାଇଥିଲା। ଦୀର୍ଘ ମାସର ପ୍ରତ୍ୟର୍ପଣ ପରେ ଭାରତୀୟ ସୁରକ୍ଷା ଏଜେନ୍ସିକୁ ବଡ଼ ସଫଳତା ମିଳିଛି। ଆମେରିକା ପକ୍ଷରୁ ଅନମୋଲର ପ୍ରତ୍ୟର୍ପଣକୁ ଅନୁମତି ଦିଆଯାଇଛି। ଘଟଣା ଉପରେ ପ୍ରତିକ୍ରିୟା ଦେଇ ଏନସିପି ନେତା ତଥା ବାବା ସିଦ୍ଧିକିଙ୍କ ପୁଅ ଜୀଶାନ କହିଛନ୍ତି ଯେ ଆମେରିକା ଜଷ୍ଟିସ ବିଭାଗ ନିକଟରେ ଆମ ପରିବାର ପୀଡ଼ିତ ଭାବେ ପଞ୍ଜିକରଣ କରିଥିଲା। ଏଥିଯୋଗୁ ଆମକୁ ଅନମୋଲ ବିଷ୍ଣୋଇ ସମ୍ପର୍କରେ ସବୁ ଅପଡେଟ ଦିଆଯାଉଥିଲା। ପୂର୍ବରୁ ସେ ଲୋୱା ଜେଲରେ ଡିଏଚଏସ୍ ପକ୍ଷରୁ ଅଟକ ଥିବା ଖବର ମିଳିଥିଲା। ଆଜି ଆମକୁ ଇ-ମେଲ ଆସିଛି ଯେ ଅନମୋଲକୁ ଆମେରିକାର ସଂଘୀୟ ସରକାର ବିତାଡ଼ିତ କରିଛନ୍ତି। ଅନମୋଲ ଆମେରିକାରୁ ବହିଷ୍କାର ହୋଇଥିବାରୁ ତା'କୁ ଭାରତ ସରକାର ତୁରନ୍ତ ଏଠାକୁ ଆଣନ୍ତୁ। ସେ ସମାଜ ପ୍ରତି ବିପଦ। ତେଣୁ ତାକୁ ମୁମ୍ବାଇରେ ରଖି ଜେରା କରାଯିବା ସହ ବିଧିବଦ୍ଧ ଭାବେ ଗିରଫ କରାଯାଉ। ବାବା ସିଦ୍ଦିକୀଙ୍କୁ ମାରିବା ପାଇଁ ଅନମୋଲକୁ କିଏ ନିର୍ଦ୍ଦେଶ ଦେଇଥିଲା, ତାହା ଜଣାପଡ଼ିବା ଜରୁରୀ। ଆମେ ଏବେ ବି ନ୍ୟାୟ ଅପେକ୍ଷା ରହିଛୁ। ଘଟଣାରୁ ବର୍ଷକରୁ ଅଧିକ ଦିନ ବିତି ଯାଇଥିବା ସେ କହିଛନ୍ତି।

# ଜଳିଗଲା ଆମ୍ବୁଲାନ୍ସ: ନବଜାତକ ଶିଶୁ ଓ ଡାକ୍ତରଙ୍କ ସମେତ ୪ ମୃତ

ଗୁଜରାଟ,୧୮/୧୧ : ଗୁଜରାଟରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ମଙ୍ଗଳବାର ଭୋର ସମୟରେ ଗୁଜୁରାଟର ଆରବଲୀ ଜିଲ୍ଲାର ମୋଦାସା ସହର ନିକଟରେ ଏକ ଆମ୍ବୁଲାନ୍ସରେ ନିଆଁ ଲାଗିଯିବାରୁ ଜଣେ ନବଜାତ ଶିଶୁ ଓ ଡାକ୍ତରଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଶିଶୁଟିକୁ ଜନ୍ମ ହେବାର ମାତ୍ର ଗୋଟିଏ ଦିନ ହିଁ ହୋଇଥିଲା। ଜନ୍ମ ପରେ ନବଜାତକ ଶିଶୁଟି ଅସୁସ୍ଥ ଥିବାରୁ ଅଧିକ ଚିକିତ୍ସା ପାଇଁ ମୋଦାସା ସ୍ଥିତ ଏକ ହସ୍ପିଟାଲରୁ ଅହମଦାବାଦର ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିଲା। ସେହି ସମୟରେ ରାତି ପ୍ରାୟ ୧ଟା ସମୟରେ ମୋଦାସା-ଧନସୁରା ରାସ୍ତାରେ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ମୃତକ ମାନେ ହେଲେ ନବଜାତକ ଶିଶୁ, ତାଙ୍କ ବାପା ଜିଗ୍ନେଶ ମୋଚି (୩୮), ଅହମ୍ମଦାବାଦର ଡାକ୍ତର ଶାନ୍ତିଲାଲ ରେଣ୍ଟିଆ (୩୦) ଏବଂ ଆରବଳୀର ନର୍ସ ଭୁରିବେନ ମନତ (୨୩) । ନିଆଁରେ ପୋଡି ହୋଇ ଅନ୍ୟ ତିନି ଜଣ ଆହତଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ ଜିଗ୍ନେଶ ମୋଚିଙ୍କ ଦୁଇ ସମ୍ପର୍କୀୟ ଏବଂ ଆମ୍ବୁଲାନ୍ସ ଡ୍ରାଇଭର ଅଛନ୍ତି। ସିସିଟିଭି ଫୁଟେଜରେ ଦେଖା ଯାଇଛି ଯେ, ଆମ୍ବୁଲାନ୍ସର ପଛ ପାର୍ଶ୍ୱରେ ନିଆଁ ଲାଗିବା ଡ୍ରାଇଭର ଜାଣିବା ପରେ ଏକ ପେଟ୍ରୋଲ ପମ୍ପ ନିକଟରେ ଗାଡିଟି ଧୀରେ ଚଲାଇଥିଲେ। ଡ୍ରାଇଭର ଏବଂ ଆଗ ସିଟରେ ଥିବା ମୋଚିଙ୍କ ଦୁଇ ସମ୍ପର୍କୀୟ ଆହତ ହୋଇ ରକ୍ଷା ପାଇଯାଇଥିବା ବେଳେ, ଗାଡିର ପଛ ପାର୍ଶ୍ୱରେ ଥିବା ୪ ଜଣ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଛନ୍ତି।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ

ପୁରୀ,୧୮/୧୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ଆଜି ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୫୦ ଗୋଟି ଅଭିଯୋଗ ମିଳିଥିଲା। ସେଥିରୁ ୪୧ ଗୋଟି ବ୍ୟକ୍ତିଗତ,୯ ଗୋଟି ଗ୍ରାମ ସମ୍ବନ୍ଧୀୟ ରହିଥିଲା। ତତକ୍ଷଣାତ ୪ ଗୋଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣୀରେ ଏସପି ପ୍ରତୀକ ସିଂ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର, ସିଡିଏମଓ ଡା. ଅକ୍ଷୟ କୁମାର ଶତପଥୀ, ବ୍ରହ୍ମଗିରି ବିଡ଼ିଓ ମନୀଷା ଷଡ଼ଙ୍ଗୀ, ତହସିଲଦାର ଶଶୀଭୂଷଣ ମିଶ୍ର, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଂଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଆସନ୍ତା ୨୪ ତାରିଖ ପୂର୍ବାହ୍ନ ୧୦ଟାରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ବୋଲି ଶ୍ରୀ ପରିଜା ସୂଚନା ଦେଇଛନ୍ତି।

# ଯୋଗାଣ ସହାୟକଙ୍କୁ ସ୍ଥାୟୀ କରିବାକୁ ଦାବି

ଜୟପୁର,୧୮/୧୧ (ନି.ପ୍ର): କୋରାପୁଟ ଜିଲା ଯୋଗାଣ ସହାୟକ ମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଯୋଗାଣ ସହାୟକ ମାନଙ୍କ ସମସ୍ତ ସମସ୍ୟା ନେଇ ଦେବିଘାଟ ପଂଚାୟତର ରାଜିବ ଗାନ୍ଧୀ ସେବା କେନ୍ଦ୍ର ଠାରେ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲା ସଭାପତି ମଧୁସୁଦନ ରାଉତ ଓ ସମ୍ପାଦକ ଶ୍ରୀଧର ନାୟକ ସମସ୍ତ ସମସ୍ୟା ଓ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯଦି ସରକାର ନଶୁଣନ୍ତି ତେବେ ଆଗାମୀ ଦିନରେ ଦୃଢ ପଦକ୍ଷେପ ନେବେ ବୋଲି ସଭାପତି ରାଉତ ଜଣେଇଛନ୍ତି । ଦାବି ଗୁଡିକ ମଧ୍ୟରେ ଯୋଗାଣ ସହାୟକଙ୍କୁ ସ୍ଥାୟୀ କରିବା ସହ ଦରମା ବୃଦ୍ଧି କରିବା, ଯୋଗାଣ ସହାୟକଙ୍କ ନାମରେ ପିଡିଏସ ଲାଇସେନ୍ସ କରିବା, କାର୍ଯ୍ୟରତ ଯୋଗାଣ ସହାୟକଙ୍କ ମୃତ୍ୟୁକାଳିନ ସହାୟତା ସହ ତାଙ୍କ ପରିବାରରୁ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ କରିବା, ଯୋଗାଣ ସହାୟକଙ୍କୁ ପଂଚାୟତରାଜ ବିଭାଗରୁ ନିବୃତ କରି ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରାଯାଉ ଆଦି ଦାବି ରହିଛି । ବୈଠକର ପରିଚାଳକ ଅଜିତ କୁମାର ଦଳେଇ ସରକାରଙ୍କୁ ଦିବେଦନ କରି କହିଛନ୍ତି ଯେ, ଆଜିକୁ ଦଶ ବର୍ଷରୁ ଉର୍ଦ୍ଧ୍ୱ ହେବ ଯୋଗାଣ ସହାୟକ ମାନେ ନିରବଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି । ପଂଚାୟତ ଅଧିନରେ ଥିବା ସମସ୍ତ ହିତାଧିକାରି ମାନଙ୍କୁ ମାସକୁ ମାସ ପିଡିଏସ ସାମଗ୍ରୀ ବଂଟନ କରୁଛନ୍ତି ।ଆବଶ୍ୟକ ସ୍ଥଳେ ଦିବ୍ୟାଙ୍ଗ, ଅତି ବୃଦ୍ଧା ବୃଦ୍ଧି, ଘର ଘର ଯାଇ ପିଡିଏସ ସାମଗ୍ରୀ ଯୋଗାଇ ଦିଆଯାଉଛି ।

# ଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଜାତ କାର୍ଯ୍ୟକାରୀ କରିବା ପାଇଁ ଦାବିପତ୍ର

ଖୋର୍ଦ୍ଧା,୧୮/୧୧ (ନି.ପ୍ର): ଆସନ୍ତା ବର୍ଷ ଫେବୃଆରୀ ୧୫ରେ ମହାପ୍ରଭୁ ଲିଙ୍ଗରାଜଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହେବ। ଜାଗର ଯାତ୍ରା ପରେ ମହାପ୍ରଭୁଙ୍କ ହାଣ୍ଡି ଭଙ୍ଗା ଯାତ ଅନୁଷ୍ଠିତ ହୋଇଥାଏ।ହେଲେ ୨୦୧୬ ମସିହାରୁ ପ୍ରଭୁ ଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଯାତ ବନ୍ଦ ହୋଇଯାଇଛି। ମାନ୍ୟବର ହାଇକୋର୍ଟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆଦେଶ ଦେଇଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲା ନାହିଁ। ମହାପ୍ରଭୁଙ୍କ ଚଉଦ ନୀତିରୁ ଗୋଟିଏ ପରେ ଗୋଟିଏ ନୀତି ବନ୍ଦ ହୋଇଯାଇଛି। ଏପରିକି ବର୍ତ୍ତମାନ ଚାରୋଟି ନୀତି ରହିଛି। ତେଣୁ ବନ୍ଦ ହୋଇଯାଇଥିବା ନୀତି ଗୁଡ଼ିକୁ ପୁନର୍ବାର ପାଳନ କରିବା ପାଇଁ ସୋମବାର ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ହୃଷୀକେଶ ବେହେରା, ସୈ।ଦାମିନୀ ସାମଲ, ଗିରିଜା ଶଙ୍କର ମହାପାତ୍ର, ଅଶୋକ କୁମାର ମହାରଣା, ପୂର୍ଣ୍ଣ ଚନ୍ଦ୍ର ଖୁଂଟିଆ ଓ ପତିତପାବନ ପଣ୍ଡା ପ୍ରମୁଖ ହିନ୍ଦୁ ଦେବୋତ୍ତର ବିଭାଗ କମିଶନରଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଫୁଲବାଣୀରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ‘ଆତ୍ମନିର୍ଭର ଭାରତ’ ଏକତା ପଦଯାତ୍ରା

କନ୍ଧମାଳ,୧୮/୧୧ (ନି.ପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ “ଏକ ଭାରତ ଆତ୍ମନିର୍ଭର ଭାରତ’’ ର ଭାବନାକୁ ନେଇ ଏକତା ପଦଯାତ୍ରା ଆୟୋଜିତ କରାଯାଇଥିଲା । ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ଶ୍ରୀ ଜଗନ୍ନାଥ ମନ୍ଦିରରୁ ବାହାରି କୋରେନେସନ ପଡିଆରେ ଶେଷ ହୋଇଥିଲା । ଏହି ସମୟରେ ରାସ୍ତା ପାର୍ଶ୍ୱରେ ରଙ୍ଗୋଲି, ଫେନ୍ସିଡ୍ରେସ ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା । କୋରେନେସନ ପଡିଆଠାରେ ଉଦଯାପନି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ, କନ୍ଧମାଳ ବେଦଭୂଷଣ, ଆରକ୍ଷୀ ଅଧିକ୍ଷକ ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସନ୍ତୋଷ କୁମାର ପାଢ଼ି, ସଭାପତି, ଭାଜପା କନ୍ଧମାଳ ବିଶି ମାଝୀ ଯୋଗଦେଇଥିଲେ । ସଭାକୁ ସମ୍ବୋଧନ କରି ମନ୍ତ୍ରୀ କହିଥିଲେ ଯେ, ଏହି କନ୍ଧମାଳ ମାଟିର ସ୍ୱତନ୍ତ୍ରତା ରହିଛି। ୧୮୩୬ ମସିହାର କନ୍ଧ ମେଳି ସାରା ଭାରତ ବର୍ଷର ମୁକ୍ତିସଂଗ୍ରାମକୁ ଗତି ପ୍ରଦାନ କରିଥିଲା। ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନି ଏ ଦେଶକୁ ହେଉ ଅବା ବିଶ୍ୱକୁ ଆଧ୍ୟାତ୍ମିକତାର ଦିଗ୍ ଦର୍ଶନ ଦେଇଛନ୍ତି । କ୍ରିଡା ହେଉ ଶିକ୍ଷା ହେଉ କଳା ହେଉ ଏ ମାଟିର ମହକ ଅନନ୍ୟ । ଆଜିର ଭାରତର ମାନଚିତ୍ର ଭୌଗୋଳିକ ବିନ୍ୟାସ ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଯେଉଁଭଳି ଭାବରେ ସାମ, ଦାମ, ଦଣ୍ଡ ଭେଦ ନୀତି, କୂଟନୀତି, ରାଜନୀତିକୁ ପ୍ରତିପାଦିତ କରି ନୂତନ ଭାରତ ସ୍ୱରୂପ ପ୍ରଦାନ କରିଛନ୍ତି ତାହା ଉତରପିଢ଼ି ନିକଟରେ ଉତରଣ କରିବା ଏହି ପଦଯାତ୍ରାର ଉଦ୍ଦେଶ୍ୟ। ଉପସ୍ଥିତ ଯୁବପିଢ଼ିକୁ ଜଣେ ଜଣେ ଭଲ ଭାରତୀୟ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସାଂସ୍କୃତିକ ଦଳମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରକଳ୍ପ ପ୍ରଶାସକ, ସମନିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଦାଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଏହି ପଦଯାତ୍ରାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଶମ୍ଭୁନାଥ ନନ୍ଦୀ, ଉପଜିଲ୍ଲାପାଳ, ବାଲିଗୁଡା ପ୍ରଣିତ ଦାଶ, ଉପଜିଲ୍ଲାପାଳ ଫୁଲବାଣୀ ଭିକାରୀ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଚଂଳ ଉନ୍ନୟନ ସଂସ୍ଥା ପ୍ରବୀଣ କୁମାର ବଣୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟରଞ୍ଜନ ପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ, ଜନପ୍ରତିନିଧି, ସରକାରୀ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପିକା ଅଧାପକ, ଛାତ୍ରଛାତ୍ରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ମିଳିଲା ୪୦ ଏକର ଜମି ପଟ୍ଟା

ଜୟପୁର,୧୮/୧୧ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ କୁ ଗ୍ରୀନ ସିଗନାଲ ମିଳିବା ସହ ରଣ୍ତାପାଲିଠାରେ ଚିହ୍ନଟ ହୋଇଥିବା ୪୦ ଏକର ଜମିର ପଟ୍ଟା ଆଜି ଅତିରିକ୍ତ ତହସିଲଦାର ଅଫିସ ପକ୍ଷରୁ ରେଜିଷ୍ଟ୍ରାର ମହେଶ୍ୱର ନାୟକଙ୍କୁ ପ୍ରଦାନ କରାଯାଇଛି। ସଦର ବ୍ଲକ ରଣ୍ତାପାଲି ମୌଜାରେ ୪୦ ଏକର ରାଜସ୍ୱ ବିଭାଗ ଜମି ରହିଥିଲା। ଏହା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ପ୍ରତିଷ୍ଠା ଲାଗି ଚିହ୍ନଟ କରାଯାଇଥିଲା। ଗତ ଅଗଷ୍ଟ ୩୦ ତାରିଖରେ ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ବିଭାଗ ପକ୍ଷରୁ ବ୍ରହ୍ମପୁର ଦକ୍ଷିଣାଂଚଳ ଆରଡିସିଙ୍କୁ ଏହି ଜମି ହସ୍ତାନ୍ତର ବାବଦରେ ଚିଠି କରାଯାଇଥିଲା। ରାଜସ୍ୱ ବିଭାଗ ଅଧିନରୁ ଏହା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଯାଇଥିଲା। ହସ୍ତାନ୍ତର ବାବଦ ମାମଲା ରେକର୍ଡ ସହ ଆରଏମସି (ରେଭେନ୍ୟୁ ମନିଟରି ? ସେଲ) ରିପୋର୍ଟ ଦାଖଲ କରାଯାଇଥିଲା। ଦିଆଯାଇଥିବା ରେକର୍ଡରେ ଏକକିତା ଲେଖାଏଁ ନକଲ ଜୟପୁର ଉପଜିଲ୍ଲାପାଳ, ତହସିଲଦାର ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟାରଙ୍କୁ ପଠାଯାଇଥିଲା। ବର୍ତ୍ତମାନ ଜମି ବିଶ୍ୱବିଦ୍ୟାଳୟ ନାମରେ ପଞ୍ଜିକରଣ ହେବା ପରେ ନୂଆ କ୍ୟାମ୍ପସ ପ୍ରତିଷ୍ଠା କାମ ଆରମ୍ଭ ହେବ।

ପ୍ରକାଶ ଥାଉକି ୨ ବର୍ଷ ପୂର୍ବେ ବିଶ୍ୱବିଦ୍ୟାଳୟ ନୂଆ କ୍ୟାମ୍ପସ ଲାଗି ରଣ୍ତାପାଲି ମୌଜାର ସରକାରୀ ପଲିଟେକନିକ କଲେଜ ପାଖରେ ପ୍ରଥମେ ୭୩ ଏକର ଜମି ଚିହ୍ନଟ ହୋଇଥିଲା। ଯାଂଚ ପରେ ଏହା ୭୦ ଏକରକୁ ଖସିଥିଲା। ସେ ଭିତରେ ଥିଲା ୪୦ ଏକର ପତିତ ଏବଂ ୩୦ ଏକର ଗୋଚର କିସମ। ଗୋଚର ଜମିରେ ଥିବା ଗଛ କାଟିବା ଲାଗି ବନ ବିଭାଗ କୁଆଡେ ଅନୁମତି ଦେଉନଥିବାରୁ ହସ୍ତାନ୍ତର ପ୍ରକିୟାରେ ଢିଲା ହୋଇଥିଲା। ୪୦ ଏକରରେ ବିଶ୍ୱବିଦ୍ୟାଳୟ ହୋଇପାରିବ ବୋଲି ରାଜସ୍ୱ ବିଭାଗ କର୍ମଚାରୀ ମାନେ ବିଭିନ୍ନ ବୈଠକରେ ମତ ଦେବା ପରେ ଏପ୍ରିଲ ୧୦ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିତ ତଥା କମିଶନର ବିଶ୍ୱବିଦ୍ୟାଳୟ ପରିଦର୍ଶନ ବେଳେ ଅଧ୍ୟାପକ ନିଯୁକ୍ତି, ନୂଆ କ୍ୟାମ୍ପସ ନିର୍ମାଣ ଏବଂ ଗବେଷଣା ବାବଦରେ ଆଲୋଚନା କରିଥିଲେ। ପିଜି, ଡିଗ୍ରୀ ଏବ ସେଲ୍ଫଫାଇନାନ୍ସି କୋର୍ସରେ ସିଟି ସଂଖ୍ୟା ବଢାଇବାକୁ ପରାମର୍ଶ ଦେଇଥିଲେ। ନୂଆ କ୍ୟାମ୍ପସ ଲାଗି ୭୦ ଏକର ଜମି ଦରକାର ବୋଲି ମତ ରଖି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଗୋଡ଼ ଫଟା ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୧୮/୧୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଗୋଡ଼, ମୁହଁ, ଓଠ ଓ ଚର୍ମ ଫଟାର ପ୍ରତିରୋଧ ପାଇଁ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, ଶୀତ ଦିନେ ଏହିସବୁ ରୋଗ ଦେଖାଯାଏ, ନିରାକରଣ ପାଇଁ ଶରୀରକୁ ତୈଳାକ୍ତ ସାବୁନ ଦ୍ୱାରା ସଫା ରଖିବେ। ନଡ଼ିଆ ତେଲ ବା ଘିଅ ଗରମ କରି ସେଥିରେ ଝୁଣା ପକାଇ ଲେପ ପ୍ରସ୍ତୁତ କରନ୍ତୁ। ପୁରାଶରୀରକୁ ଘୋଡାଇ ରଖନ୍ତୁ, ଏହି ଲେପ ଫଟା ସ୍ଥାନରେ ଲଗାଇଲେ ଭଲ ହୁଏ। ଓଠରେ ଲଗାଇଲେ ଅଳ୍ପ ଗେରୁ ମିଶାଇବେ ଓଠ ନାଲି ହେବ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣମେଂଟ: ଆଇଆରବି ଓ କାଇପଦର ବିଜୟୀ

ଖୋର୍ଦ୍ଧା ,୧୮/୧୧ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଂଟ ର ପ୍ରଥମ ମ୍ୟାଚରେ ଆଇ ଆର ବି ଦଳ ପାଇକତିଗିରିଆ କୁ ୬୬ ରନ ରେ ପରାସ୍ତ କରିଛି । ଆଇ ଆର ବି ଦଳ ପ୍ରଥମେ ବ୍ୟାଟିଂ କରି ସୁଶୀଲ ପ୍ରଧାନଙ୍କ ୧୨୧ ରନ ସହାୟତାରେ ୧୫ ଓଭରରେ ୪ ୱିକେଟ ହରାଇ ୧୯୯ ରନ କରିଥିଲେ। ପ୍ରତ୍ୟୁତ୍ତରରେ ପାଇକତିଗିରିଆ ଦଳ ସୋମନାଥ ପଲେଇଙ୍କ ୩୨ ରନ ସହାୟତାରେ ୧୫ ଓଭର ରୁ ୱିକେଟ ହରାଇ ୧୩୩ ରନ ରେ ସୀମିତ ରହିଥିଲେ ।ଆଇ ଆର ବି ଦଳର ଧର୍ମେନ୍ଦ୍ର ପ୍ରଧାନ ୩ ୱିକେଟ ହାସଲ କରିଥିଲେ ।ଶ୍ରେଷ୍ଠ ଖେଳାଳି ଭାବେ ସୁଶୀଲ ପ୍ରଧାନ ଅତିଥି ଅବନୀକାନ୍ତ ସାମନ୍ତରାୟ ଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ରେ କାଇପଦର ଦଳ ବୈଦେଶ୍ୱର ଦଳ କୁ ୮୨ ରନ ରେ ପରାଜିତ କରିଥିଲେ। ପ୍ରଥମେ ବ୍ୟାଟିଂ କରି କାଇପଦର ଦଳ ନିର୍ଦ୍ଧାରିତ ୧୫ ଓଭର ରୁ ୱିକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲେ। ଜବାବରେ ବୈଦେଶ୍ୱର ଦଳ ୧୦ ଓଭର ରେ ସମସ୍ତୱିକେଟ ହରାଇ ୬୩ ରନ ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ କାଇପଦର ଦଳର କୁଳଦୀପ ପାଇକରାୟ ଙ୍କୁ ଅତିଥି ଦିବ୍ୟସିଂହ ପାତ୍ର, ଭ୍ରମରବର ସାମନ୍ତରାୟ, ପ୍ରତାପ ମହାପାତ୍ର ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଂଟକୁ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ,ଟାଙ୍ଗୀଆପଡା ସରପଂଚ ସ୍ୱର୍ଣ୍ଣପ୍ରଭା ସେଠୀ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଖେଳ ଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ବି ବି ରାଉତରାୟ, ଶୋଭାକର ପାତ୍ର ଏବଂ ବିଶ୍ୱବିହାରୀ ସ୍ୱାଇଁ ଓ ପ୍ରକାଶ ସାହୁ ସ୍କୋରର ଦାୟିତ୍ୱରେ ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ମଙ୍ଗଳବାର ପ୍ରଥମ ମ୍ୟାଚ କଲ୍ୟାଣପୁର ବନାମ ଅରିସାଲ ଏବଂ ଦ୍ୱିତୀୟ ମ୍ୟାଚ ଭାଲିଆବାଡ଼ି ବନାମ ଶୁଆଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ସୂଚନା ଦେଇଛନ୍ତି।

# ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,୧୮/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଂଚାୟତ ସମିତି ଅନ୍ତର୍ଗତ ତୁଲୁଣ୍ଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୧୦୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭୬ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୬ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ୪ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିରରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ତରଭା, ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଭାରପ୍ରାପ୍ତ ଉପ - ଜିଲ୍ଲାପାଳ, ସୋନପୁର, ସତ୍ୟ ସୁନ୍ଦର ରାଉତ, ସରପଂଚ, ତୁଲୁଣ୍ଡା ଗ୍ରାମପଂଚାୟତ ଶ୍ରୀମତି ଉମା ସାହୁଙ୍କ ସମେତ ତହସିଲଦାର, ତରଭା, ସୁଶ୍ରୀ ଶ୍ୱେତଲିନା ମାହାନା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ ।ଏହି ଅବସରରେ ନନ୍ଦିନୀ ବଗର୍ତି ସ୍ୱାମୀ ସ୍ୱର୍ଗତ ନିରଞ୍ଜନ ବଗର୍ତି ନିବାସୀ ଟୁଲୁଣ୍ଡାଙ୍କୁ ମଧୁବାବୁ ପେନସନ ଯୋଜନା ଅଧିନରେ ବିଧବା ଭତା ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଲକ୍ଷ୍ମଣ ନାୟକ ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ କବିତାପାଠ, ସାରସ୍ୱତ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି,୧୮/୧୧ (ନି.ପ୍ର): ଲକ୍ଷ୍ମଣ ନାୟକ ସାହିତ୍ୟ ସଂସ୍କୃତି ପରିଷଦ, ମାଲକାନଗିରି ତରଫରୁ କବିତାପାଠ, ସାରସ୍ୱତ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ଏମଭି - ୮୨ କାଲିମେଳା, ମାଲକାନଗିରି ଠାରେ ଗତକାଲି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରଥମ ଅଧିବେଶ ସମୟ ସକାଳ ଘ ୧୦.୩୦ ମି. ଆରମ୍ଭ ହୋଇଥିଲା, ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଆରମ୍ଭ ହୋଇ ଥିଲା କବିତା ପାଠ, ଜିଲ୍ଲାର ଦୂର ଦୂରାନ୍ତରୁ ଆସିଥିବା କବି କବୟିତ୍ରୀ ମାନଙ୍କ ଠାରେ ଦେଖିବାକୁ ନୂତନ ଉନ୍ମାଦନ, ନୈସରଜକ ସ୍ୱନ୍ଦର୍ଯ୍ୟ ଭରା ପ୍ରକୃତିର ଭୂସ୍ୱର୍ଗ ତିନି ରାଜ୍ୟର ଅନତି ଦୂରରେ ଶୁଭୁ ସାହିତ୍ୟ ଗୁରୁ ଗମ୍ଭୀର ନିନାଦ, ପ୍ରାୟ ପଚାଶ ଦଶ କବି କବୟିତ୍ରୀ ଏକତ୍ରିତ ହୋଇ ଏହି ସାହିତ୍ୟ ସଭାଟି କୁ କରିଥିଲେ ସାଫଲ୍ୟ ମଣ୍ଡିତ । ଏହି କବିତା ଆସରରେ କବି ଗୌରହରି ସାହୁ, ଚିତ୍ରକୋଣ୍ଡା ସଭାପତିତ୍ୱ କରିଥିଲା ବେଳେ, କବିତା ସଂଯୋଜନା କରିଥିଲ କବି ପ୍ରଶାନ୍ତ ପରିଡ଼ା ଓ କବି ନିରୋଦ ଜେନା । ଠିକ ମଧ୍ୟାହ୍ନ ୧୨ ଘଣ୍ଟା ୩୦ ମି. ସମୟ ଦ୍ୱିତୀୟ ଅଧିବେଶ ସାରସ୍ୱତ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ସାହିତ୍ୟ ସଭାସଭାପତିତ୍ୱ କରିଥିଲେ କରୁଣାକର ମଲ୍ଲିକ, ବିଶିଷ୍ଟ କବି ତଥା ସଭାପତି ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଗୋଲକ ଚନ୍ଦ୍ର ଦଳେଇ ଡେପୁଟି ଡାଇରେକ୍ଟର ପ୍ଲାନିଂ ଏଣ୍ଡ ମନିଟରିଂ ୟୁନିଟ ମାଲକାନଗିରି ଜିଲ୍ଲା ମାଲକାନଗିରି, ବିଶିଷ୍ଟ ସମ୍ମାନିତ ଅତିଥି ଭାଗୀରଥି ବେହେରା, ବିଶିଷ୍ଟ ସାହିତ୍ୟିକ ତଥା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ମାଲକାନଗିରି, ସମ୍ମାନିତ ଅତିଥି ଅଧ୍ୟାପକ ଡ଼. ରଂଜନ କୁମାର ସ୍ୱାଇଁ, ବିଶିଷ୍ଟ ସଂଗଠକ ତଥା ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ, ସମ୍ମାନିତ ଅତିଥି ଭାବରେ ନବ କିଶୋର ମଲ୍ଲିକ, ଶିକ୍ଷାବିତ୍ ଓ ପ୍ରଧାନ ଶିକ୍ଷକ ଜବାନ ପାଲ୍ଲୀ ଉଚ ପ୍ରାଥମିକ ବିଦ୍ୟାଳୟ କାଲିମେଳା, ସମ୍ମାନିତ ଅତିଥି ପରିମଳ ମଣ୍ଡଳ ସଭାପତି ବିଦ୍ୟାଳୟ ପରିଚାଳନା କମିଟି, ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ଏମଭି - ୮୨ ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଡ. ପରମାନନ୍ଦ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟକ୍ଷ ପଡ଼ିଆ କନିଷ୍ଠ ମହାବିଦ୍ୟାଳୟ, ପଡ଼ିଆ । ଏହି ସଭାକୁ ସଂପାଦକ ଦୀନବଂଧୁ ବେଜ ସଂଚାଳନ କରିଥିଲା । ପରେଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନ ର ଶାରଦୀୟ ମହାପୂଜା ବିଶେଷାଙ୍କ ‘ଆମ ଅଙ୍ଗୀକାର - ୨୦୨୫‘ ଓ ମୁଖ୍ୟ ଅତିଥିଙ୍କ ହିନ୍ଦି ଅନୁବାଦ ପୁସ୍ତକ ଓ୍ୱହି ସ୍ୱାଓ୍ୱଲି ଲେଡ଼କି ର ଶୁଭ ଉନ୍ମୋଚନ ହୋଇଥିଲା !ଏହି ଅବସରରେ ଅନୁଷ୍ଠାନ ତରଫରୁ ଅଂଚଳ ରେ ଶିକ୍ଷା ର ବିଶେଷ ଉନ୍ନତି ପାଇଁଶିକ୍ଷାବିତ୍ ନବ କିଶୋର ମଲ୍ଲିକ, ଉମାଚ଼ରଣ ପଟ୍ଟନାୟକ ପ୍ରଧାନ ଶିକ୍ଷକ ଅନନ୍ତ ପାଲ୍ଲୀ ଉଚ୍ଚବିଦ୍ୟାଳୟ, ,ପ୍ରଶାନ୍ତ ସର୍ଦ୍ଦାର ମାଲକାନଗିରିଙ୍କୁ ଶିକ୍ଷା ଜ୍ୟୋତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା ! ସେହିପରି ଗୌରହରି ସାହୁ, ଚିତ୍ରକୋଣ୍ଡା, ଧନୁର୍ଜୟ ହନ୍ତାଳ ବାଲିମେଳା, ଅହଲ୍ୟା ସେନାପତି ଗୋବିନ୍ଦପାଲ୍ଲୀ, ଶାରଦା ପ୍ରସାଦ ସିଂ କାଲିମେଳା, ପ୍ରଦୀପ ସରକାର ମାଲକାନଗିରି, ଚିତ୍ତରଂଜନ ବେଜ କାଲିମେଳା, ଶରତ କୁମାର ପଣ୍ଡା କାଲିମେଳା, ମମତା ପଣ୍ଡା କାଲିମେଳା, ବିଶ୍ୱନାଥ ଭୁଏ ମାଥିଲି ଙ୍କୁ ଲକ୍ଷ୍ମଣ ନାୟକ ସାରସ୍ୱତ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ସ୍ୱାମୀ ବିବେକାନନ୍ଦ ବିଦ୍ୟା ଭବନ ଏମଭି - ୮୨ ର ପ୍ରଧାନ ଶି କ୍ଷକ ଗୋଦାବରୀଶ ଦାସ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସଭାପତି କରୁଣାକର ମଲ୍ଲିକ ସଭା ସାଙ୍ଗ କରିଥିଲେ । କବିତାରେ ନୂତନ ନୂତନ ପ୍ରୟୋଗ କବିତାକୁ ଆହୁରି ହୃଦୟସ୍ପର୍ଶୀ କରିପାରେ ବୋଲି ମତ ପ୍ରକାଶ ପାଇଥିଲା ।

# ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା,୧୮/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସପିଙ୍କ ସହ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଏ ମାଧବୀ ଲତା, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଆଜିର ଶିବିରରେ ୩୦ ଗୋଟି ବ୍ୟକ୍ତିଗତ ଓ ୧୧ ଟି ଗୋଷ୍ଠିଗତ ଏଭଳି ମୋଟ ୪୧ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା, ଡେପୁଟୀ କଲେକ୍ଟର ଶେଖ୍ ନସିମ, ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଅଭିଯୋଗ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା ।

# ଜିଲ୍ଲା ଆଇନ୍ ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୮/୧୧ (ନି.ପ୍ର): ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, ଓଡ଼ିଶା କଟକଙ୍କ ସୂଚନା କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରମା କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କାଉପୁର ସ୍ଥିତ କଳ୍ପନା ଦେବୀ ଜରା ନିବାସଠାରେ ବରିଷ୍ଠ ବୟସ୍କ ନାଗରିକ ମାନଙ୍କ ନିମନ୍ତେ ଥିବା ଭରଣ ପୋଷଣ, କଲ୍ୟାଣ ମୂଳକ କାର୍ଯ୍ୟ ଯାହାକି ବୟସ୍କ / ବୃଦ୍ଧ ବୃଦ୍ଧା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସେସବୁ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଖଗେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଡଃ ତାପସୀ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟ ରକ୍ଷକ, ଭଦ୍ରକ ତଥା କଳ୍ପନା ଦେବୀ ଜରା ନିବାସର ପରିଚାଳକ, ଡଃ ହରେକୃଷ୍ଣ ନାୟକ ଏବଂ ବୃଦ୍ଧବୃଦ୍ଧା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ। ଉପସ୍ଥିତ ଥିବା ବୃଦ୍ଧ ବୃଦ୍ଧା ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବିଷୟରେ ତଥା ସିନିଅର ସିଟିଜେନ ଆକ୍ଟ ୨୦୦୭ ଅନୁଯାୟୀ ବୟସ୍କ ନାଗରିକ ମାନଙ୍କପାଇଁ ଥିବା ଭରଣ ପୋଷଣ ଏବଂ ଜନହିତକର କାର୍ଯ୍ୟ ବିଷୟରେ ମଧ ସଚେତନତା କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅନ୍ତେବାସୀ ମାନଙ୍କୁ ଶୀତ କମ୍ବଳ ମଧ ବଂଟନ କରାଯାଇଥିଲା।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର,୧୮/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନିବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରି ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ପ୍ରୋଗ୍ରାମ ଅସିଷ୍ଟାଂଟାଣ୍ଡ ସସ୍ମିତା ପରିଡା ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ । ସୋଲାଲ ୟୁନିଟ ଖରାପ ହୋଇଥିବାରୁ ପାନିୟ ଜଳର ସମସ୍ୟା ଦେଖାଯାଇଛି । ତାହାର ସମାଧାନ ଦାବି କରିବା ସହ ଅଙ୍ଗନବାଡୀ କେନ୍ଦ୍ର ମରାମତି କରିବାକୁ ଦାବି କରାଯାଇଛି । ରାସ୍ତା ଓ ଡ୍ରେନ ନିର୍ମାଣ କରିବାକୁ ଦାବି କରାଯାଇଛି । ଏହା ସହ ବିଭିନ୍ନ ସରକାରୀ ଯୋଜନା ର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ଉପସ୍ଥିତ ରହି ସଚେତନ କରିଥିଲେ ।

# ଝିଅ ତୁମେ ଜଗତ ଜିତା



ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଝିଅମାନଙ୍କ ପ୍ରଦର୍ଶନ ଦେଶର ସମ୍ମାନର ପ୍ରମାଣ ଥିଲା । ଏହା ଦେଖାଇ ଦେଉଥିଲା ଯେପରି ଗୋଟିଏ ସମାଜ କେବେବି ତାଙ୍କ ଝିଅମାନଙ୍କୁ ସୁଯୋଗ ଦେବାରେ ବିଫଳ ହୁଏ ନାହିଁ । କହିବାକୁ ଗଲେ ହରମନପ୍ରୀତ, ସ୍ମୃତି, ଦୀପ୍ତି କିମ୍ବା ଜେମିମା ମଧ ସେହିପରି କରିବେ । କିନ୍ତୁ ଆମେ ସମସ୍ତେ ଏକମତ ଯେ ଫରିଦାବାଦରେ ଝିଅଙ୍କ ପିଛା କରିବା ଓ ପରବର୍ତ୍ତୀ ଯେ କୌଣସି ସମୟରେ ଗୁଳିକାଣ୍ଡ ଭଳି ଘଟଣା ଘଟିବା ଏବେ ବିଚିତ୍ର ନୁହେଁ । ଏବେ ମଧ 'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାର ମୁଖ୍ୟଧାରାର ମାନଦଣ୍ଡ ବିରୁଦ୍ଧରେ ବିଚାର କରାଯିବା ଉଚିତ୍ । ଏହି ସ୍ଲୋଗାନର ଉଦ୍ଦେଶ୍ୟ କେବଳ ଦେଶରେ ହ୍ରାସ ପାଉଥିବା ଶିଶୁ ଲିଙ୍ଗ ଅନୁପାତକୁ ସମାଧାନ କରିବା ନୁହେଁ, ବରଂ ଲିଙ୍ଗଗତ ବୈଷମ୍ୟ ଓ ମହିଳା ସଶକ୍ତିକରଣ ସମସ୍ୟାଗୁଡ଼ିକୁ ମଧ ସମାଧାନ କରିବାକୁ ଆରମ୍ଭ ଥିଲା ।

ଯଦିଓ ଜାତୀୟ ସ୍ତରରେ ଲିଙ୍ଗ ଅନୁପାତରେ କିଛିଟା ଉନ୍ନତି ହୋଇଛି । କିନ୍ତୁ ଏକଥା ସତ ଯେ ଆଞ୍ଚଳିକ କ୍ଷେତ୍ରରେ ଦେଖିବାକୁ ମିଳୁଥିବା ବୈଷମ୍ୟ ବଡ଼ ଚିନ୍ତାଜନକ । ଦିଲ୍ଲୀରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ୨୦୨୨ ରେ ୯୨୯ ରୁ ହ୍ରାସ ପାଇ ୨୦୨୪ ରେ ପ୍ରତି ୧,୦୦୦ ପୁଅରେ ୯୨୦ ଝିଅଙ୍କୁ ହ୍ରାସ ପାଇଛି, ଯାହା ସବୁବେଳେ ନିରାଶାଜନକ । ଏହି ସଂଖ୍ୟାଗୁଡ଼ିକ କେବଳ ଗଣନା ଭାବରେ ନୁହେଁ । ବରଂ ବାସ୍ତବିକତାର ଚିତ୍ର । ଦୃଷ୍ଟାନ୍ତମୂଳକ ଭାବେ କହିବାକୁ ଗଲେ ସତରେ କଣ , ହରିୟାଣା ମାଟିରୁ ଜନ୍ମିତ ଏହି ସ୍ଲୋଗାନ କ'ଣ ପ୍ରତ୍ୟେକ ଘରେ ଏହାର ମୂଳ ଉଦ୍ଦେଶ୍ୟ ସହିତ ପହଞ୍ଚିଥିଲା । ପ୍ରତ୍ୟେକ ଝିଅର ଜୀବନକୁ ସୁରକ୍ଷା ଦେବା ଓ ତାଙ୍କ ଶିକ୍ଷା ପାଇଁ ପଥ ପ୍ରଶସ୍ତ କରିବା ?

ହରିୟାଣାରେ ଶିଶୁ ଲିଙ୍ଗ ଅନୁପାତ କ'ଣ ଥିଲା, ଯାହା ବିଶ୍ୱକୁ ଭାରତୀୟ ମହିଳା କୁସ୍ତି ସହିତ ପରିଚିତ କରାଇଥିଲା ? ଏବେ କ'ଣ ସ୍କୁଲଗୁଡ଼ିକ ଝିଅମାନଙ୍କୁ ଏପରି ପରିବେଶ ପ୍ରଦାନ କରିଥିଲା ଯେଉଁଠାରେ ପ୍ରତ୍ୟେକ ଝିଅର ଭୂମିକା ସୁରକ୍ଷା ଓ ସ୍ୱାଭିମାନ ଦ୍ୱାରା ଗଢ଼ି ଉଠିଥିଲା ? ଗାଁ ସ୍ତରରେ ପୁଅ ଓ ଝିଅଙ୍କ ମଧ୍ୟରେ ସମାନତା ଦୃଶ୍ୟମାନ ହେଉଥିଲା କି, ନା ଏହି ସ୍ଲୋଗାନ କେବଳ କାଗଜପତ୍ର ଓ ନିର୍ବାଚନ ରାଲିରେ ଯେମିତି କେବଳ ପ୍ରତିଧ୍ୱନିତ ହେଉଥିଲା ? ଏହା ଦେଖାଯାଉଛି ଯେ ଝିଅମାନଙ୍କ ପ୍ରତି ସାମାଜିକ ପକ୍ଷପାତ ଏପର୍ଯ୍ୟନ୍ତ ଶେଷ ହେବାର କୌଣସି ସଙ୍କେତ ଦେଖାଉ ନାହିଁ । ଶିକ୍ଷାଗତ ଓ ଆର୍ଥିକ ପ୍ରଗତି ସତ୍ତ୍ୱେ, ସମାଜରେ ପୁଅମାନେ ପସନ୍ଦିତ ପସନ୍ଦ ହୋଇ ରହିଛନ୍ତି । ଏକ ପସନ୍ଦ ଯାହା ଝିଅମାନଙ୍କ ଜନ୍ମ ପୂର୍ବରୁ ସେମାନଙ୍କ ଜୀବନ ଏବଂ ମୃତ୍ୟୁ ନିର୍ଣ୍ଣୟ କରେ ।

ଏହା କେବଳ ଲିଙ୍ଗ ପକ୍ଷପାତକୁ ଅସ୍ପଷ୍ଟ କରେ ନାହିଁ ବରଂ ଅନେକ ଆଇନ ସତ୍ତ୍ୱେ, ପ୍ରସବପୂର୍ବ ଲିଙ୍ଗ ନିର୍ଣ୍ଣୟକୁ ମଧ ଇଙ୍ଗିତ କରେ । ଓଡ଼ିଶାର କଥା ଛାଡ଼ନ୍ତୁ, ସୂଚନାଯୋଗ୍ୟଯେ

ହରିୟାଣାରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ୨୦୧୯ ରେ ପ୍ରତି ୧,୦୦୦ ପୁଅରେ ୯୨୩ ଝିଅ ଥିଲେ ମଧ ୨୦୨୪ ରେ ୯୧୦ କୁ ହ୍ରାସ ପାଇଛି । ଏହି ସମୟରେ, ନିର୍ବାଚନୀ ସ୍ଲୋଗାନ ଏବଂ ପ୍ରତିଶ୍ରୁତିରେ ଫସି ରହିଥିବା ବିହାର, ସାମ୍ବାଦିକ ଅମିତାଭ ପରାଶରଙ୍କ ପୋଡକାଷ୍ଟ 'ଦି ମିଡ୍ ୱାଇଫ୍ସ କନଫେସନ୍' ଦେଖିଲେ ଓ ଶୁଣିଲେ ଏହାର ସ୍ଲୋଗାନ ଆହୁରି ନୀରବ ହୋଇଯାଏ ।

ଏହି ପଡକାଷ୍ଟ ବିହାରୀ ଧାତ୍ରୀମାନଙ୍କ ଦ୍ୱାରା ତିନି ଦଶନ୍ଧିରୁ ଅଧିକ ସମୟ ଧରି କରାଯାଇଥିବା ସ୍ୱୀକାରୋକ୍ତିକୁ ବର୍ଣ୍ଣନା କରେ । ଯେଉଁମାନେ ପୁରୁଷ ପରିବାର ସଦସ୍ୟଙ୍କ ନିର୍ଦ୍ଦେଶରେ ନବଜାତ ଝିଅମାନଙ୍କୁ ହତ୍ୟା କରିଥିବା ସ୍ୱୀକାର କରନ୍ତି । ଦିଲ୍ଲୀ ଓ ହରିୟାଣା ଏନସିଆରକୁ ପରିଭାଷିତ କରେ । ଏହାର ଜୀବନଶୈଳୀ ଓ ସହରାଞ୍ଚଳ ଜୀବନ ପାଇଁ ମାନଦଣ୍ଡ ସ୍ଥିର କରେ, କିନ୍ତୁ ଭୟଙ୍କର ବାସ୍ତବତା ଏକ ଲଜ୍ଜାଜନକ ସତ୍ୟକୁ ପ୍ରକାଶ କରେ । ଦଶନ୍ଧି ଧରି ନୀତିଗତ ହସ୍ତକ୍ଷେପ ଓ ବିକାଶ ସତ୍ତ୍ୱେ, ଝିଅ ଓ ମହିଳାମାନଙ୍କୁ ଅବମୂଲ୍ୟାୟନ କରୁଥିବା ସାଂସ୍କୃତିକ ମାନଦଣ୍ଡ ସେମାନଙ୍କୁ ଭାଙ୍ଗିବାରେ ବିଫଳ ହୋଇଛି । ମୃତ୍ୟୁହାର, ଭେଦଭାବ ଓ ପିଢ଼ି ପରେ ସମ୍ଭାବନା ହରାଇଛି । ତେଣୁ, ଏହି ପ୍ରସଙ୍ଗକୁ ସ୍ଲୋଗାନ ବାହାରେ ଓ ତୃଣମୂଳ ସ୍ତରରେ ସମାଧାନ କରାଯିବା ଆବଶ୍ୟକ ।

ଏହା ଏକ ଯୁଦ୍ଧ ଯାହାକୁ ଭାରତ ହାରିବାକୁ ସମ୍ମତ ନୁହେଁ । ବିଶେଷକରି ଯଦି ଏହା ନିଜ 'ସ୍ୱ' ମାଧ୍ୟମରେ ବିଶ୍ୱକୁ ଏକ ପ୍ରତିକ୍ରିୟା ଦେବାକୁ ଚାହୁଁଛି, ତେବେ ଝିଅମାନେ ସେହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ଉଚିତ୍। ଆତ୍ମନିର୍ଭରଶୀଳତା ଜନସଂଖ୍ୟାଗତ ଲାଭାଂଶ କିମ୍ବା ଘରୋଇ ଉତ୍ପାଦନ ଦ୍ୱାରା ନିର୍ଣ୍ଣୟ କରାଯାଏ ନାହିଁ, ବରଂ ସ୍କୁଲ ପଢୁଥିବା ପ୍ରତ୍ୟେକ ଝିଅ ଦ୍ୱାରା ନିର୍ଣ୍ଣୟ କରାଯାଏ ।

ସେ ଜଣେ ମହିଳା ଯିଏ ଚାପଗ୍ରସ୍ତ ନୁହଁନ୍ତି, ଓ ସମାଜ ତାଙ୍କ ଜୀବନ ଓ ଶିକ୍ଷାର ପଥ ନିର୍ଣ୍ଣୟ କରେ । ତେଣୁ ସମସ୍ତ ରାଜ୍ୟ ଦୃଢ଼ ନିଷ୍ଠାର ସହିତ ଏହି ସ୍ଲୋଗାନକୁ ବାସ୍ତବରେ ପରିଣତ କରିବା ଅତ୍ୟନ୍ତ ଜରୁରୀ । ତେଣୁ ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚମ ମୁଖ୍ୟ ସଚିବଙ୍କ ଜାତୀୟ ସମ୍ମିଳନୀ ମଧ ଏହି ପ୍ରଶ୍ନଗୁଡ଼ିକର ସମାଧାନ କରିବ କି ? ସର୍ବୋପରି ଏହି ନୀତିଗୁଡ଼ିକର ଲାଭ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚିବା ନିଶ୍ଚିତ କରିବାର ଦାୟିତ୍ୱ କାର୍ଯ୍ୟନିର୍ବାହୀ ଶାଖା ବହନ କରିବ । ଅଙ୍ଗନୱାଡି ଓ ମଧ୍ୟାହ୍ନ ଭୋଜନ ଯୋଜନାର ସଫଳତା ଅନେକ ପିଲାଙ୍କୁ ସ୍କୁଲକୁ ଆଣିଛି । କିନ୍ତୁ ଝିଅମାନଙ୍କ ଜୀବନ ଓ ଶିକ୍ଷା ସମ୍ପର୍କିତ ଅନେକ ମୌଳିକ ପ୍ରଶ୍ନ ଅନୁଉରିତ ରହିଛି।

ଉଦାହରଣ ସ୍ୱରୂପ କେବଳ ଆଇନ କ'ଣ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ, ଗର୍ଭରୁ ଆରମ୍ଭ କରି ଝିଅମାନଙ୍କୁ ସୁରକ୍ଷା ଦେବ, ନା ସମସ୍ତ ପ୍ରତିଷ୍ଠାନ ଓ ନାଗରିକ ମୂଲ୍ୟବୋଧରେ ସମାନ ଚିନ୍ତା ପ୍ରତିଫଳିତ ହେବ ? ସେନା ଠାରୁ ରାସ୍ତା ପର୍ଯ୍ୟନ୍ତ ଅନେକ ପ୍ରତିଷ୍ଠାନରେ ସେମାନଙ୍କୁ ସଂଖ୍ୟାଲଘୁ ଭାବରେ ଦେଖାଯାଉଥିଲେ ମଧ, ଝିଅମାନେ ଆଉ 'ଅନ୍ୟ' ହୋଇ ରହିବାକୁ ଚାହାଁନ୍ତି ନାହିଁ । ସେମାନେ ପଢ଼ିବାକୁ ଚାହାଁନ୍ତି ଓ ସମାଜକୁ କହିବାକୁ ଚାହାଁନ୍ତି ଯେ ଏହି ପୃଥିବୀରେ ବଞ୍ଚିବାର ସେମାନଙ୍କର ନୈତିକ ଅଧିକାର ଅଛି । ତେଣୁ ଦେଶର ମୁଖ୍ୟ ସଚିବମାନଙ୍କ ବୈଠକରେ 'ବେଟି ବଚାଓ, ବେଟି ପଢ଼ାଓ' ପ୍ରତି ସମାନ ସମ୍ବେଦନଶୀଳତା ପ୍ରତିଫଳିତ ହେବା ଉଚିତ୍ ।

ଭାରତ କେବଳ ସେତେବେଳେ ନିଜର ଗର୍ବ ଓ ଆତ୍ମସମ୍ମାନକୁ ରକ୍ଷା କରିପାରିବ, ଯେତେବେଳେ ଏହା ଝିଅମାନଙ୍କ ପ୍ରତି ଥିବା ପୂର୍ବାଗ୍ରହକୁ ଭାଙ୍ଗି ସେମାନଙ୍କ ଜୀବନକୁ ସହଜ କରିବ । ଏହା ହେବା ଉଚିତ୍ ନୁହେଁ ଯେ ଗାଁରୁ ପଥ ସହର ପର୍ଯ୍ୟନ୍ତ ନ ପହଞ୍ଚିବ । ଯଦି ଏହା ହୁଏ ତେବେ ଏହା ସେମାନଙ୍କୁ ସ୍କୁଲଠାରୁ ବହୁତ ଦୂରରେ ଛାଡିଦିଏ । ଯେତେବେଳେ ଝିଅମାନେ ପାଠ ପଢ଼ନ୍ତି , ସେମାନେ ଏସିଆର ପ୍ରଥମ ଲୋକୋ ପାଇଲଟ୍ ହୋଇଯାଆନ୍ତି ଓ ଅବସର ନେବାର ଶେଷ ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଟ୍ରାକରେ ଜୀବନର ଟ୍ରେନକୁ ଚାଲୁ ରଖନ୍ତି । କେବଳ ସେତେବେଳେ, ପୁରୁଷ ଓ ମହିଳା ମଧ୍ୟରେ ବିଭକ୍ତ ଏହି ସମାଜ ଖେଳ ପଡ଼ିଆରେ ଏକତ୍ରିତ ହୁଏ । ଦେଶର ଦର୍ଶକ ଓ ଶ୍ରୋତାମାନେ ସେମାନଙ୍କର ଭଉଣୀ ଓ ଝିଅଙ୍କ ବିଜୟକୁ ନିଜର ବୋଲି ବିବେଚନା କରନ୍ତି ।

ବହୁ ବର୍ଷ ପରେ ଭାରତ ଏକ ଦୃଶ୍ୟ ଦେଖିଲା ଯେତେବେଳେ ଲକ୍ଷ ଲକ୍ଷ ଲୋକ କେବଳ କ୍ରିକେଟର ମଜା କରୁଥିଲେ, କାରଣ ଖେଳ ପଡ଼ିଆରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ସୀମା ନଥିଲା । ହୁଏତ ସିମୋନ ଡି ବ୍ୟୁଭୋଇର ମଧ ସେମାନଙ୍କୁ 'ଦ୍ୱିତୀୟ' ଦେଖିବାକୁ ଚାହିଁ ନ ଥାଆନ୍ତେ । ଆମେ କଦାପି ଭୁଲିବା ଉଚିତ୍ ନୁହେଁ ଯେ ଯେତେବେଳେ ସମାଜ ଝିଅମାନଙ୍କୁ ସୁରକ୍ଷା ଦିଏ । ସେମାନେ ମଧ ପାଠ ପଢ଼ନ୍ତି, ଖେଳନ୍ତି ଓ ସମାଜକୁ ରକ୍ଷା କରନ୍ତି ।

ବାସ୍ତବରେ ଯଦି ଏହା ହୁଏ, ତେବେ 'ବେଟି ବଚାଓ, ବେଟି ପଢ଼ାଓ' ଭଳି ପ୍ରୟାସ ତୃଣମୂଳ ସ୍ତରରେ ପାଦଚିହ୍ନ ଛାଡ଼ିଯାଏ, ଝିଅଙ୍କ ପ୍ରତିଭାର କାହାଣୀ ଲେଖିଥାଏ । ଏପରିକି ସମସ୍ତ ପୁରୁଷଙ୍କ ବିଷୟରେ, ଯେଉଁମାନେ ପ୍ରଶିକ୍ଷକ କିମ୍ବା ଭାଇ ଭାବରେ, ସେମାନଙ୍କର ଦକ୍ଷତାକୁ ଉନ୍ନତ କରନ୍ତି । ସେହି ପିତାମାନଙ୍କ ବିଷୟରେ, ଯେଉଁମାନେ ସେମାନଙ୍କର ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ସହିତ, ଜେମିମା, ଅମନଜୋତ ଓ ହରମନପ୍ରୀତଙ୍କ ଶିରା-ଶିରାରେ ସାହସ ଓ ଉତ୍ସାହ ସୃଷ୍ଟି କରନ୍ତି, ଯେପରି କୁହନ୍ତି, 'ଝିଅ, ମୁଁ ତୁମ ପାଇଁ ଏତିକି ପ୍ରାର୍ଥନା କରିବି ତୁମେ ସାହସୀ ହୋଇ ଦେଶର ଗୌରବ ରଖ , ଯାହାକୁ ନେଇ ଆମେ ପିତାମାତା ଗର୍ବ ଅନୁଭବ କରୁଥିବୁ । ତୁମେ ଆମର ସୁନା ଝିଅ...!!!

ଅଧକ୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ-୪ ,
ମୋ: ୯୦୪୦୧୫୧୪୭୫

# ଭାରତବର୍ଷ ଓ ବିଶ୍ୱଗୁରୁ ହେବାର ତଥା-କଥା



ଗୋପାଳ ମହାପାତ୍ର

**ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରାୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ। ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍‌ଥାନ ଏବଂ ଦେଶ ସ୍ୱାଧିନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି।**

ଭାରତ ବର୍ଷ ଏମିତି ଏକ ଦେଶ ଯାହାର ସଂସ୍କୃତି ଅନ୍ୟ କେଉଁ ଦେଶରେ ଦେଖିବାକୁ ମିଳେନାହିଁ। ଏହି ସଂସ୍କୃତି କାରଣରୁ ସାରା ବିଶ୍ୱ ଭାରତକୁ ଗୁରୁତ୍ୱ ଦେଇ ଆସିଥିଲେ। ବିଦେଶୀ ଆକ୍ରାନ୍ତାଙ୍କ ଆକ୍ରମଣ ଓ ଇଂରେଜଙ୍କ ଶାସନ କାରଣରୁ ଯଦିଓ କିଛି ବିଦେଶୀ ପ୍ରଭାବ ଭାରତବର୍ଷ ଉପରେ ପଡିଛି କିନ୍ତୁ ଏବେବି ଭାରତବର୍ଷ ବିଶ୍ୱକୁ ସକ୍ଷମ ସାଂସ୍କୃତିକ ନେତୃତ୍ୱ ଦେବା ଅବସ୍ଥାରେ ଅଛି। ଭାରତବର୍ଷ ଏଭଳି ଏକ ଦେଶ ଯିଏ ଶହ ଶହ ବର୍ଷ ପୂର୍ବରୁ ଓ ଏବେବି ସାରା ବିଶ୍ୱକୁ ଜ୍ଞାନ, ସଂସ୍କୃତି, ବିଜ୍ଞାନ ଏବଂ ନୈତିକତାର ସନ୍ଦେଶ ଦେଇ ଆସୁଛି। ଅନେକ ସମୟରେ ଆମ ନେତାମାନେ ଭାରତବର୍ଷ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କହୁଛନ୍ତି। କିନ୍ତୁ ପ୍ରକୃତ କଥା ହେଉଛି ଭାରତବର୍ଷ ଶହ ଶହ ବର୍ଷ ପୂର୍ବରୁ ମଧ ବିଶ୍ୱଗୁରୁ ଥିଲା। ବିଶ୍ୱଗୁରୁ ହେବାର ଅର୍ଥ କେବଳ ସାମରିକ ଶକ୍ତି ବା ଅର୍ଥ (ଡ଼ଲାର) ନୁହେଁ, ବରଂ ଜ୍ଞାନ, ସଂସ୍କୃତି ଏବଂ ନୈତିକ ନେତୃତ୍ୱରେ ଦୁନିଆଁ ପାଇଁ ଉଦାହରଣ ସୃଷ୍ଟି କରିବା। ଏସବୁ କଥା ଭାରତ ପ୍ରାଚୀନ କାଳରୁ ଅଦ୍ୟାବଧି ହାସଲ କରିବାର ଉଦ୍ୟମ କରିଆସିଛି। ପ୍ରାଚୀନ ଭାରତରେ ଶିକ୍ଷା ଏବଂ ବିଜ୍ଞାନର ସ୍ତର ଅତି ଉପରେ ଥିଲା। ଏଠି ବେଦ ଏବଂ ଉପନିଷଦରେ ଥିବା ଜୀବନ, ବ୍ରହ୍ମାଣ୍ଡ ଏବଂ ମାନବ ଚେତନାର ରହସ୍ୟର ଅଧ୍ୟୟନ କରାଯାଏ। ଗାଣିତୀୟ ଜ୍ଞାନର ପ୍ରାରମ୍ଭ ଏହିଠାରୁ ହୋଇଥିଲା। ଆର୍ଯ୍ୟଭଟ୍ଟ ଏବଂ ବରାହମିହିରଙ୍କର ଖଗୋଳ ବିଜ୍ଞାନ ଏବଂ ଗଣିତ କ୍ଷେତ୍ରରେ ଅଦ୍ୱିତୀୟ ଯୋଗଦାନ ଥିଲା। ସୁଶ୍ରୁତ ଏବଂ ଚରକ ଆୟୁର୍ବେଦ ଏବଂ ଶଲ୍ୟ ଚିକିତ୍ସାରେ ଏଭଳି ଉଦ୍ ?ଭାବନ କରିଥିଲେ ଯାହା ଆଜିବି ବିଶ୍ୱରେ ମାନ୍ୟ ଅଟେ। ଯୋଗ ଏବଂ ଧ୍ୟାନ ହିଁ ମାନସିକ ଏବଂ ଶାରିରୀକ ସୁସ୍ଥତା ପାଇଁ ଅପରିହାର୍ଯ୍ୟ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରସ୍ତୁତ କରାଯାଇଛି।

ଧର୍ମ ଏବଂ ଦର୍ଶନ କ୍ଷେତ୍ରରେ ଭାରତ ମଧ ବିଶ୍ୱକୁ ଦିଗ୍ ଦର୍ଶନ ଦେଇଛି। ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସାରା ବିଶ୍ୱରେ ଅହିଁସା ଏବଂ ନୈତିକତାର ସନ୍ଦେଶର ବାର୍ତ୍ତା ପ୍ରଚାର କରିଛନ୍ତି। ରାମାୟଣ ଏବଂ ମହାଭାରତ ଭଳି ଗ୍ରନ୍ଥ ଜୀବନ, ନୈତିକତା ଏବଂ ଭୁଲ ଠିକ୍‌କୁ ଚିହ୍ନିବାର ଏବଂ ଏସବୁ ସହ ପରିଚିତ ହେବାର ମାର୍ଗ ଦେଖାଇଛନ୍ତି। ଭାରତୀୟ ସଙ୍ଗୀତ, ନୃତ୍ୟ, କଳା ଏବଂ ବାସ୍ତୁକଳା ସାରା ବିଶ୍ୱରେ ଭାରତବର୍ଷର ସାଂସ୍କୃତିକ ପରିଚୟ ସୃଷ୍ଟି କରାଇ ପାରିଛନ୍ତି। ପ୍ରାକ୍ କାଳରେ ଭାରତ କେବଳ ଶକ୍ତିର କେନ୍ଦ୍ର ନଥିଲା ବରଂ ଜ୍ଞାନ ଏବଂ ସଂସ୍କୃତିର ମାର୍ଗଦର୍ଶକ ଥିଲା। ମଧ୍ୟକାଳରେ ଯେତେବେଳେ ରାଜନୈତିକ ସ୍ଥିତି ଅସ୍ଥିର ଥିଲା ଏବଂ ଅନେକବାର ବିଦେଶୀଙ୍କ ଆକ୍ରମଣ ହୋଇଥିଲା ସେତେବେଳେ ମଧ ଭାରତବର୍ଷର ସଂସ୍କୃତି ଏବଂ ଶିକ୍ଷା ବଞ୍ଚିତ ରହିଥିଲା। ସଂସ୍କୃତ ସାହିତ୍ୟ, ଆର୍ଯୁବେଦ, ଜ୍ୟୋତିଷ ଏବଂ ତନ୍ତ୍ରର ଅଧ୍ୟୟନ ଜାରି ରହିଥିଲା, ଖଗୋଳ ବିଜ୍ଞାନ ଏବଂ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଧ ପ୍ରଗତି ହୋଇଥିଲା। ସେ ସମୟରେ ଭାରତବର୍ଷ ତାର ଶକ୍ତି ପାଇଁ ନୁହେଁ ବରଂଜ୍ଞାନ ଏବଂ ସଂସ୍କୃତି ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା।

ବ୍ରିଟିଶ (ଇଂରେଜ) ଶାସନ କାଳରେ ଭାରତବର୍ଷର ରାଜନୈତିକ ସ୍ୱାଧିନତା ଏବଂ ଆର୍ଥୀକ ଶକ୍ତି ସୀମିତ ହୋଇଯାଇଥିଲା କିନ୍ତୁ ଜ୍ଞାନ ଏବଂ ସଂସ୍କୃତିର ଗୁରୁତ୍ୱ କମିନଥିଲା। ରାଜା ରାମମୋହନ ରାୟ ଏବଂ ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତିକୁ ସାରାବିଶ୍ୱରେ ପରିଚୟ କରାଇଥିଲେ। ମହାତ୍ମାଗାନ୍ଧୀ ସତ୍ୟ ଓ ଅହିଁସାର ମାର୍ଗରେ ସାରା ବିଶ୍ୱପାଇଁ ନେତୃତ୍ୱର ଏକ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଏହି ସମୟରେ ଜଗଦୀଶ ଚନ୍ଦ୍ର ବୋଷ ଏବଂ ସି ଭି ରମଣଙ୍କ ଭଳି ବୈଜ୍ଞାନିକ ମାନେ ଆନ୍ତର୍ଯାତୀୟ ସ୍ତରରେ ଭାରତବର୍ଷର ନାମକୁ ଚମକାଇଥିଲେ। ସ୍ୱାଧିନତା ପରେ ଭାରତବର୍ଷ ଆଧୁନିକ ବିଜ୍ଞାନ, ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏପରିକି ସଂସ୍କୃତି କ୍ଷେତ୍ରରେ ଅଧିକ ପ୍ରଗତି କରିପାରିଛି। ଆଇଟି ଏବଂ ଡ଼ିଜିଟାଲ ଇଣ୍ଡିଆ ଦେଶକୁ ବିଶ୍ୱସ୍ତରରେ ନୂଆ ପରିଚୟ ଦେଇଛି। ଚନ୍ଦ୍ରଯାନ ଏବଂ ମଙ୍ଗଳଯାନ ଅଭିଯାନ ସାରା ବିଶ୍ୱକୁ ସନ୍ଦେଶ ଦେଇଛି ଯେ ଭାରତ ମହାକାଶ ଅନୁସନ୍ଧାନରେ ମଧ ଅଗ୍ରଣୀ ଅଟେ। ଫାର୍ମସ୍ୟୁଟି କାଲାସ ଏବଂ ବାୟୋଟିକ କ୍ଷେତ୍ରରେ ଭାରତ ଏବେ ଶୀର୍ଷସ୍ଥାନରେ ରହିଛି ଏବଂ ବିଶ୍ୱର ଅନେକ ଦେଶକୁ ଔଷଧ ଯୋଗାଉଛି। ଯୋଗ ଏବଂ ଆୟୁର୍ବେଦର ପ୍ରଚାର, ଭାରତୀୟ ସଙ୍ଗୀତର ପ୍ରସାର ସର୍ବୋପରି ଜାତିସଂଘ ଭଳି ମଞ୍ଚରେ ଭାରତର ସକ୍ରିୟ ଭାଗିଦାରୀ ଭାରତବର୍ଷକୁ ବିଶ୍ୱଗୁରୁ ହେବା ଦିଗରେ ରାସ୍ତା ପ୍ରଶସ୍ତ କରି ଦେଇଛି। ଭାରତବର୍ଷ ପାଇଁ ଅନେକ ଚାଲେଞ୍ଜ ମଧ ରହିଛି। ଦେଶରେ ଦାରିଦ୍ର୍ୟ, ଅସମାନତା, ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରକୁ ସୁଧାରିବାର ଆବଶ୍ୟକତା ରହିଛି। ଏପରିକି ବୈଶ୍ୱିକ ରାଜନୀତିରେ ସନ୍ତୁଳନ ବଜାୟ ରଖିବା ମଧ ଜରୁରୀ। କିନ୍ତୁ ସୁଯୋଗ ଅନେକ ରହିଛି। ଜ୍ଞାନ, ନୈତିକତା ଏବଂ ସଂସ୍କୃତିର ସଠିକ୍ ଉପଯୋଗ କରାଯାଇପାରିଲେ ଭାରତବର୍ଷ ବିଶ୍ୱ ପାଇଁ ପ୍ରେରଣା ପାଲଟିଯାଇପାରିବ। ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳଠାରୁ ଆଗକୁଯାଇ ପରିବେଷ ଏବଂ ସତତ ବିକାଶ ଦିଗରେ ଉଦ୍ୟମ ମଧ କରାଯିବାର ଆବଶ୍ୟକତା ରହିଛି।

ଭାରତବର୍ଷ ସବୁବେଳେ ସବୁ ଯୁଗରେ ଶିକ୍ଷା ଦେଇ ଆସିଛି ଯେ ପ୍ରାୟାସ ଏବଂ ଦୂରଦୃଷ୍ଟି ଯଦି ଠିକ୍ ତେବେ ସବୁକିଛି ସମ୍ଭବ ହୋଇପାରିବ। ପ୍ରାଚୀନ କାଳରେ ଜ୍ଞାନ ଏବଂ ସଂସ୍କୃତି ମାଧ୍ୟମରେ, ମଧ୍ୟକାଳରେ ସଂରକ୍ଷଣ ଏବଂ ଅନୁକୂଳନ ଦ୍ୱାରା, ଔପନିବେଶିକ କାଳରେ ପୁନରୁତ୍‌ଥାନ ଏବଂ ଦେଶ ସ୍ୱାଧିନ ହେବାପରେ ବୈଷୟିକ ଜ୍ଞାନ କୌଶଳ, ଅର୍ଥବ୍ୟବସ୍ଥା ଏବଂ ସଂସ୍କୃତିର ସଂଯୋଜନ କାରଣରୁ ଭାରତବର୍ଷ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିପାରିଛି। ଭାରତବର୍ଷର ବିଶ୍ୱଗୁରୁ ହେବା କଥାକୁ କେବଳ ଶକ୍ତି ବା ସମ୍ପତ୍ତିରେ ମପାଯାଇ ପାରିବ ନାହିଁ ବରଂ ଜ୍ଞାନ, ସଂସ୍କୃତି, ଆଧାତ୍ମିକତା ଏବଂ ନୈତିକତାର ସନ୍ତୁଳନରେ ମପାଯିବ। ଯଦି ଆମେ ଏସବୁ କଥାକୁ ନେଇ ଚାଲିବା ତେବେ ଭାରତବର୍ଷ ବିଶ୍ୱଗୁରୁ ହେବାର ଯେଉଁ ସ୍ୱପ୍ନ ଆମେ ଦେଖୁଛେ ତାହା ନିଶ୍ଚୟ ସାକାର ହେବ। ଭାରତବର୍ଷ ପୁନଃ ବିଶ୍ୱଗୁରୁ ହୋଇପାରିବ କେବଳ ଇତିହାସ ପାଇଁ ନୁହେଁ ବରଂ ଆମର ଶ୍ରମ ଓ ଆଗାମୀ ପିଢ଼ୀର ଦୁରଦଅଷ୍ଟି (ଚିନ୍ତାଧାରା) କାରଣରୁ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ପ୍ଲାଷ୍ଟିକ ପ୍ରଦୁଷଣର ଚେତାବନୀ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବ୍ୟାପକ ସଚେତନତା ଏବଂ ବ୍ୟାପକ ହ୍ରାସ ପ୍ରୟାସ ସତ୍ତ୍ୱେ ପ୍ଲାଷ୍ଟିକ ପ୍ରଦୁଷଣ ସମଗ୍ର ବିଶ୍ୱରେ ଏକ ବଢିଚାଲିଥିବା ସମସ୍ୟା ଭାବେ ଉଭା ହୋଇଛି ବୋଲି କୁହାଯାଇପିାରେ। ପ୍ଲାଷ୍ଟିକର ଭୟାବହତା ନିୟନ୍ତ୍ରଣ ପାଇଁ ପ୍ରଚଳିତ ବର୍ଜ୍ୟ ପରିଚାଳନା ଏବଂ ରିସାଇକେଲିଂ ଟେକ୍ନୋଲୋଜି ବିଫଳ ହୋଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନିପି) ଅନୁଯାୟୀ ୧୯୫୦ ରୁ ୨୦୧୭ ମଧ୍ୟରେ ବିଶ୍ୱରେ ପାୟ ୯.୨ ବିଲିଅନ ଟନ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦିତ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୭ ବିଲିଅନ ଟନ ପ୍ଲାଷ୍ଟିକ ସାମଗ୍ରୀ ଏହି ସମୟ ମଧ୍ୟରେ ମାଟିରେ ପୋତାଯାଇଛି କିମ୍ବା ପରିବେଶରେ ମିଶିଛି। ଅର୍ଗାନାଇଜେସନ ଅଫ ଇକୋନେମିକ୍ କୋ-ଅପରେସନ ଆଣ୍ଡ ଡେଭଲପମେଂଟ (ଓଇସିଡି)ର ତଥ୍ୟକୁ ଆଧାରକରି ଗ୍ଲୋବାଲ ପ୍ଲାଷ୍ଟିକ ଆଉଟଲୁକ-୨୦୨୨ ରିପୋର୍ଟରେ କୁହାଯାଇଛି ଯେ, ମାତ୍ର ୧୦ପ୍ରତିଶତ ପ୍ଲାଷ୍ଟିକର ରିସ୍ଲାଇକେଲିଂ କରାଯାଇଛି। ଏହା ସ୍ପଷ୍ଟ କରୁଛି ଯେ, ରିସାଇକେଲିଂ ଦ୍ୱାରା ପ୍ଲାଷ୍ଟିକ ସମସ୍ୟାର ସମାଧାନର ପନ୍ଥା ହୋଇନପାରେ। ତେବେ ଆନ୍ତର୍ଜାତିକ ସ୍ତରରେ ପ୍ଲାଷ୍ଟିକ ପ୍ରଦୁଷଣ ସମସ୍ୟାର ସମାଧାନ ଲାଗି ଏହାର ଉତ୍ପାଦନ ହ୍ରାସ କରିବା ଏକ ମାତ୍ର ଫଳପ୍ରଦ ପଦକ୍ଷେପ ବୋଲି କୁହାଯାଇପାରିବ। କିନ୍ତୁ ଏଥିଲାଗି ଫଳପ୍ରଦ ଓ ଗ୍ରହଣଯୋଗ୍ୟ ଉଦ୍ୟମ ଆବଶ୍ୟକ। ଏହା ପ୍ଲାଷ୍ଟିକ ଉତ୍ପାଦନ ଏବଂ ବର୍ଜ୍ୟ ପରିଚାଳନା ସମସ୍ୟା ମଧ୍ୟରେ ଦେଖାଦେଇଥିବା ପାର୍ଥକ୍ୟକୁ ଅତିକ୍ରମ କରିବାରେ ସହାୟକ ହେବ। ଅର୍ଥ ଆଗମନ ଦ୍ୱାରା ପ୍ରକାଶିତ ପ୍ଲାଷ୍ଟିକ ଓଭରସୁଟ ଡେ(ପିଓଡି) ରିପୋର୍ଟ ୨୦୨୫ରେ କୁହାଯାଇଛି ଯେ, ଏକ ତୃତୀୟାଂଶରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦ ଏବେ ଅପବ୍ୟହାର ହେଉଛି। ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ହ୍ରାସ ବିନା ପ୍ଲାଷ୍ଟିକ ପ୍ରଦୁଷଣ ବ୍ୟାପକ ହେବା। ଏହା ନିସନ୍ଦେହ ଯେ, ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଠାରୁ ଏହାର ବର୍ଜ୍ୟ ପରିମାଣ ବୃଦ୍ଧି ପାଇବା ଫଳରେ ପ୍ରଦୁଷଣର ମାତ୍ରା ବଢିଚାଲିଛି ବୋଲି ପିଓଡି ରିପୋର୍ଟରେ କୁହାଯାଇଛି। ସେହିପରି ବିଶ୍ୱ ସ୍ତରରେ ପ୍ଲାଷ୍ଟିକର ବାଣିଜ୍ୟ ନେଇ ଗତ ଅଗଷ୍ଟ ମାସରେ ୟୁଏନସିଟିଏଡି ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଆନ୍ତର୍ଜାତିକ ସ୍ତରରେ ୭୮ପ୍ରତିଶତରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦିତ ସାମଗ୍ରୀର ବେପାର ହେଉଥିବାବେଳେ ଏଥିରୁ ୭୫ପ୍ରତିଶତ ବର୍ଜ୍ୟ ଆକାରରେ ବାହାରିଥାଏ। କହିବା ବାହୁଲ୍ୟ ଯେ, ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏବଂ ରିସାଇକେଲିଂ ପାଇଁ ରାଷ୍ଟ୍ରଗୁଡିକ ଆଗ୍ରହୀ ଅଛନ୍ତି। କିନ୍ତୁ କେହି ଏହାର ଉତ୍ପାଦନକୁ ସୀମିତ କରିବାକୁ ଚାହାଁନ୍ତି ନାହିଁ। କିନ୍ତୁ ଏହା ନିସନ୍ଦେହ ଯେ, ଉତ୍ପାଦନ ହ୍ରାସ ଏବଂ ବର୍ଜ୍ୟ ପରିଚାଳନା ଲାଗି ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ ହିଁ ପ୍ରଦୁଷଣକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇପାରିବ। ଏହା ନିଶ୍ଚିତ ଯେ, ପ୍ଲାଷ୍ଟିକ ସାମଗ୍ରୀ ସହଜରେ ପରିବହନକ୍ଷମ ହୋଇଥିବାରୁ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରରେ ଲୋକେ ଏତେ ଅଭ୍ୟସ୍ତ ଯେ, ଏହା ବିନା ଚଳିବା ଅସମ୍ଭବ ମନେହୁଏ। ମଣିଷର ଦୈନନ୍ଦିନ ଜୀବନ ସହ ପ୍ଲାଷ୍ଟିକ ସାମଗ୍ରୀ ଏକ ପ୍ରକାର ଯୋଡି ହୋଇଯାଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ପ୍ଲାଷ୍ଟିକ ପ୍ରଦୁଷଣ ଏବେ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁ ବିପଦ ଭାବେ ଉଭା ହୋଇଛି। ଆଇୟୁସିଏନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ଲାଷ୍ଟିକ ପ୍ରଦୁଷଣ କେବଳ ସ୍ୱାସ୍ଥ୍ୟ ଉପରେ ନୁହେଁ ଅର୍ଥନୀତି, ଜଳବାୟୁ ଏବଂ ଜୈବସମାଜ ଉପରେ ମଧ ଗୁରୁତର ଭାବେ ପ୍ରଭାବିତ ପ୍ରଭାବ ପକାଇଛି। ଆହୁରି ମଧ ମାଟିର ଉର୍ବରତା ହ୍ରାସର କାରଣ ହୋଇଥିବାବେଳେ ରୋଗ ପ୍ରତିରୋଧକାରୀ ଜୀବାଣୁ, ବନ୍ୟଜନ୍ତୁ ଏବଂ ଜୀବଜନ୍ତୁ ପାଇଁ କ୍ଷତିକାରକ ହୋଇଛି। ଏସବୁ ହୃଦବୋଧ କରି ଏବେ ଭାରତ ସମେତ ବିଶ୍ୱର କେତେକ ରାଷ୍ଟ୍ର ପ୍ଲାଷ୍ଟିକର ବ୍ୟବହାର ଉପରେ ନିଷିଧାଦେଶ ଜାରି କରିଛନ୍ତି। ଭାରତ ସରକାର ଗତ ୨୦୨୨ରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକର ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। ନିଷିଦ୍ଧ କଟକଣା କେବଳ କାଗଜ କଲକରେ ସୀମିତ ଥିବାବେଳେ ବାସ୍ତବ କ୍ଷେତ୍ରରେ ଏହାର ବ୍ୟବହାର ଏବଂ ଚାହିଦା ବଢିଚାଲିଛି। ମାତ୍ର କୌଣସି ସରକାର ପ୍ଲାଷ୍ଟିକ ଉତ୍ପାଦନ ଉପରେ ବର୍ତମାନ ସୁଦ୍ଧା କଟକଣା ଜାରି କରିନାହାଁନ୍ତି। ପ୍ଲାଷ୍ଟିକ ମଣିଷ ଜୀବଜଗତ, ମାଟି ଓ ପରିବେଶ ପାଇଁ ହାନୀକାରକ ହୋଇଥିବାରୁ ବିଶ୍ୱବ୍ୟାପୀ ତୁରନ୍ତ ଏହାର ଉତ୍ପାଦନ ହ୍ରାସ କରାଯିବା ଜରୁରୀ। ଏଥିପାଇଁ ଆନ୍ତର୍ଜାତିକ ସ୍ତରରେ ଏକ ଚୁକ୍ତିନାମା ହେବା ଆବଶ୍ୟକ। ଅନ୍ୟଥା ମଣିଷ ନିଜ ପାଇଁ ଭୟାବହ ବିପଦକୁ ଆମନ୍ତ୍ରଣ କରିବା ସାର ହେବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-54/2025-26

1. Number of works - 2 (Two) number of Road works
2. Approximate estimated cost: - 8.43 lakh to 12.68 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 20.11.2025 to 04.12.2025.
5. Last Date / Time of receipt of bid in the portal :- Dt. 04.12.2025 up to 5.00 PM
6. Date of Opening of bid:- Dt. 05.12.2025 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୯ ନଭେମ୍ବର ୨୦୨୫, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଢାକାର ରାୟ, ଦିଲ୍ଲୀର ଚିନ୍ତା

ବାଂଲାଦେଶର ରାଜନୈତିକ ଇତିହାସରେ ଏକ ନୂଆ ଏବଂ ଅତ୍ୟନ୍ତ ବିବାଦୀୟ ଅଧ୍ୟାୟ ଯୋଡ଼ି ହୋଇଛି । ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଢାକାର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ମାନବତା ବିରୋଧୀ ଅପରାଧ ପାଇଁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ରାୟ କେବଳ ବାଂଲାଦେଶର ଆଭ୍ୟନ୍ତରୀଣ ରାଜନୀତିକୁ ଦୋହଲାଇ ଦେଇନାହିଁ, ବରଂ ଦକ୍ଷିଣ ଏସିଆର ଭୂ-ରାଜନୈତିକ ସମୀକରଣରେ ମଧ୍ୟ ଏକ ନୂତନ ଚର୍ଚ୍ଚା ସୃଷ୍ଟି କରିଛି । ଯେଉଁ ଟ୍ରିବ୍ୟୁନାଲ ଦିନେ ହାସିନାଙ୍କ ସରକାର ଅଧୀନରେ ୧୯୭୧ ମସିହାର ଯୁଦ୍ଧାପରାଧୀଙ୍କୁ ଦଣ୍ଡିତ କରିବା ପାଇଁ ଗଠିତ ହୋଇଥିଲା, ଆଜି ସେହି ଟ୍ରିବ୍ୟୁନାଲ ତାଙ୍କୁ ହିଁ ମୃତ୍ୟୁଦଣ୍ଡ ଶୁଣାଇବା ଏକ ବିଡ଼ମ୍ବନାର ବିଷୟ । ଏହି ଘଟଣାକ୍ରମକୁ କେହି କେହି ନ୍ୟାୟର ବିଜୟ ବୋଲି କହୁଥିବା ବେଳେ, ଅନ୍ୟମାନେ ଏହାକୁ ଏକ ରାଜନୈତିକ ପ୍ରତିଶୋଧର ନଗ୍ନ ରୂପ ବୋଲି ଅଭିହିତ କରୁଛନ୍ତି ।

ଏହି ମାମଲାର ପୃଷ୍ଠଭୂମି ୨୦୨୪ ମସିହାର ଜୁଲାଇ-ଅଗଷ୍ଟ ମାସରେ ହୋଇଥିବା ଭୟାବହ ଛାତ୍ର ଆନ୍ଦୋଳନ ସହ ଜଡ଼ିତ । ସରକାରୀ ଚାକିରିରେ ସଂରକ୍ଷଣ ବ୍ୟବସ୍ଥାର ସଂସ୍କାର ଦାବିରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ କ୍ରମେ ହାସିନା ସରକାର ବିରୋଧରେ ଏକ ବିଶାଳ ଗଣବିଦ୍ରୋହର ରୂପ ନେଇଥିଲା। ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର ଯେଉଁ କଠୋର ପଦକ୍ଷେପ ଗ୍ରହଣ କଲେ, ତାହା ଅତ୍ୟନ୍ତ ରକ୍ତାକ୍ତ ଥିଲା । ସୁରକ୍ଷାକର୍ମୀଙ୍କ ଦ୍ୱାରା ନିରସ୍ତ୍ର ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚାଳନା, ଡ୍ରୋନ ଏବଂ ହେଲିକପ୍ଟର ଭଳି ମାରାତ୍ମକ ଅସ୍ତ୍ରଶସ୍ତ୍ରର ବ୍ୟବହାର କରାଯିବାର ଅଭିଯୋଗ ହୋଇଥିଲା । ଏହି ହିଂସାକାଣ୍ଡରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ହଜାର ହଜାର ଲୋକ ଆହତ ହୋଇଥିଲେ। ଏହି ଘଟଣା ପରେ ପରିସ୍ଥିତି ଏପରି ହେଲା ଯେ, ଶେଖ ହାସିନା ଅଗଷ୍ଟ ୫, ୨୦୨୪ରେ କ୍ଷମତା ଛାଡ଼ି ଦେଶରୁ ପଳାୟନ କରି ଭାରତରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ। ଏହାପରେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଗଠନ କରାଗଲା, ଯିଏ ଏହି ହିଂସାକାଣ୍ଡର ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ତରୀଣ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ, ଶେଖ ହାସିନା, ତାଙ୍କର ପୂର୍ବତନ ଗୃହମନ୍ତ୍ରୀ ଆସାଦୁଜାମାନ ଖାନ କମଲ ଏବଂ ପୂର୍ବତନ ପୋଲିସ ମୁଖ୍ୟ ଚୌଧୁରୀ ଅବଦୁଲ୍ଲା ଅଲ-ମାମୁନଙ୍କ ବିରୋଧରେ ମାନବତା ବିରୋଧୀ ଅପରାଧ ମାମଲା ରୁଜୁ କରାଗଲା । ଏହି ମାମଲାର ବିଚାର କରି ଟ୍ରିବ୍ୟୁନାଲ ହାସିନା ଏବଂ କମଲଙ୍କୁ ସେମାନଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଅପରପକ୍ଷେ, ପୂର୍ବତନ ପୋଲିସ ମୁଖ୍ୟ ସରକାରୀ ସାକ୍ଷୀ ପାଲଟିଯିବାରୁ ତାଙ୍କୁ ୫ ବର୍ଷର କାରାଦଣ୍ଡ ଦିଆଯାଇଛି । ଟ୍ରିବ୍ୟୁନାଲ ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଶେଖ ହାସିନାଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ହିଁ ପ୍ରଦର୍ଶନକାରୀଙ୍କ ଉପରେ ଏପରି ବର୍ବରୋଚିତ ଆକ୍ରମଣ କରାଯାଇଥିଲା । ହିଂସା ରୋକିବା ପରିବର୍ତ୍ତେ, ସେ ନିଜେ ଏହାକୁ ପ୍ରୋତ୍ସାହିତ କରିଥିଲେ ବୋଲି ଅଦାଲତ କହିଛନ୍ତି ।

ଏହି ରାୟକୁ ନେଇ ବାଂଲାଦେଶର ସମାଜ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଆନ୍ଦୋଳନ ସମୟରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗ ଏବଂ ଗଣତନ୍ତ୍ରପ୍ରେମୀ ନାଗରିକମାନେ ଏହାକୁ ନ୍ୟାୟର ପ୍ରତିଷ୍ଠା ବୋଲି କହୁଛନ୍ତି । ସେମାନଙ୍କ ମତରେ, କ୍ଷମତାର ଅପବ୍ୟବହାର କରି ନିରୀହ ଲୋକଙ୍କୁ ହତ୍ୟା କରିଥିବା ଶାସକଙ୍କୁ ଦଣ୍ଡ ମିଳିବା ଏକ ଐତିହାସିକ ପଦକ୍ଷେପ । କିନ୍ତୁ ଶେଖ ହାସିନାଙ୍କ ଦଳ ଆୱାମୀ ଲିଗ୍ ଏବଂ ତାଙ୍କ ସମର୍ଥକମାନେ ଏହି ରାୟକୁ ସମ୍ପୂର୍ଣ୍ଣ ଭାବେ ଅଗ୍ରାହ୍ୟ କରିଛନ୍ତି। ସେମାନଙ୍କ ମତରେ, ଏହା ଏକ ଅବୈଧ ଏବଂ ଅଗଣତାନ୍ତ୍ରିକ ଭାବେ ଗଠିତ ଅନ୍ତରୀଣ ସରକାର ଦ୍ୱାରା ପରିଚାଳିତ ଏକ ପ୍ରହସନ ମାତ୍ର । ନିଜେ ଶେଖ ହାସିନା ମଧ୍ୟ ଭାରତରୁ ଜାରି କରିଥିବା ଏକ ବୟାନରେ ଏହି ଟ୍ରିବ୍ୟୁନାଲକୁ 'କଙ୍ଗାରୁ କୋର୍ଟ' ବୋଲି କହିଛନ୍ତି ଏବଂ ଏହି ରାୟ ପକ୍ଷପାତପୂର୍ଣ୍ଣ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଦର୍ଶାଇଛନ୍ତି।

ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ରାୟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ମିଳିତ ଜାତିସଂଘର ମାନବାଧିକାର କାର୍ଯ୍ୟାଳୟ ଏହି ରାୟକୁ ପୀଡ଼ିତଙ୍କ ପାଇଁ ଏକ 'ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ' ବୋଲି କହିଥିବା ବେଳେ, ମୃତ୍ୟୁଦଣ୍ଡର ବିରୋଧ କରିଛି । ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ ଏବଂ ହ୍ୟୁମାନ ରାଇଟ୍ସ ୱାଚ୍ ଭଳି ସଂସ୍ଥା ଟ୍ରିବ୍ୟୁନାଲର ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେମାନଙ୍କ ମତରେ, ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ଏତେ ଶୀଘ୍ର ବିଚାର ପ୍ରକ୍ରିୟା ଶେଷ କରି ମୃତ୍ୟୁଦଣ୍ଡ ଦେବା ଅନ୍ତର୍ଜାତୀୟ ନ୍ୟାୟିକ ମାନଦଣ୍ଡର ପରିପନ୍ଥୀ । ଏହି ପରିପ୍ରେକ୍ଷୀରେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଭାରତର । ଶେଖ ହାସିନା ବର୍ତ୍ତମାନ ଭାରତରେ ରାଜନୈତିକ ଶରଣାର୍ଥୀ ଭାବେ ରହୁଛନ୍ତି। ବାଂଲାଦେଶ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ଭାରତକୁ ଅନୁରୋଧ କରିଛନ୍ତି । କିନ୍ତୁ ଭାରତ ଏହି ପ୍ରସଙ୍ଗରେ ଅତ୍ୟନ୍ତ ସତର୍କତାର ସହ ପଦକ୍ଷେପ ନେଉଛି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ସେମାନେ ଏହି ରାୟ ଉପରେ ନଜର ରଖିଛନ୍ତି ଏବଂ ବାଂଲାଦେଶର ଲୋକଙ୍କ ସ୍ୱାର୍ଥ, ଶାନ୍ତି ଏବଂ ଗଣତନ୍ତ୍ର ପ୍ରତି ପ୍ରତିବଦ୍ଧ । ଏହି ପ୍ରତ୍ୟର୍ପଣ ପ୍ରସଙ୍ଗ ଆଗାମୀ ଦିନରେ ଭାରତ-ବାଂଲାଦେଶ ସମ୍ପର୍କ ପାଇଁ ଏକ ବଡ଼ କୂଟନୈତିକ ପରୀକ୍ଷା ହେବ ।

ଶେଖ ହାସିନାଙ୍କ ମୃତ୍ୟୁଦଣ୍ଡ ରାୟ ବାଂଲାଦେଶକୁ ଏକ ଦୋଛକିରେ ଆଣି ଛିଡ଼ା କରାଇଛି । ଏହା ଏକ ନିରପେକ୍ଷ ନ୍ୟାୟିକ ପ୍ରକ୍ରିୟାର ପରିଣାମ ନା ଏକ ପ୍ରତିଶୋଧ ପରାୟଣ ରାଜନୀତିର ଫଳ, ତାହା ସମୟ କହିବ। କିନ୍ତୁ ଏହା ନିଶ୍ଚିତ ଯେ, ଏହି ରାୟ ଦେଶର ଭବିଷ୍ୟତ ରାଜନୀତି, ସାମାଜିକ ସ୍ଥିରତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ଗଭୀର ଭାବେ ପ୍ରଭାବିତ କରିବ । ନ୍ୟାୟ ଏବଂ ପ୍ରତିଶୋଧ ମଧ୍ୟରେ ଥିବା ସୂକ୍ଷ୍ମ ରେଖାକୁ ବଜାୟ ରଖିବା ଏବଂ ଦେଶକୁ ଏକ ସ୍ଥିର ଗଣତାନ୍ତ୍ରିକ ପଥରେ ଆଗେଇ ନେବା ବର୍ତ୍ତମାନର ଅନ୍ତରୀଣ ସରକାର ଏବଂ ବାଂଲାଦେଶର ଜନସାଧାରଣଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ



# ଜାତୀୟ ପାକୃତିକ ଚିକିତ୍ସା ଦିବସ ଏକ ଅନୁଚିନ୍ତା

## ସନାତନ ମହାକୁଡ଼



ପାକୃତିକ ଚିକିତ୍ସା ମାନବ ଜୀବନର ସବୁଠୁ ପ୍ରାଚୀନ ଓ ସହଜ ଚିକିତ୍ସା ପ୍ରଣାଳୀ। ଏହା ମାନବ ଓ ପ୍ରକୃତି ମଧ୍ୟରେ ସମନ୍ୱୟ ଓ ସହଯୋଗର ଆଧାରରେ ପ୍ରଣୀତ। ପ୍ରକୃତି ହିଁ ଆମ ଜୀବନର ମୂଳ ଶକ୍ତି। ଆମେ ଯାହା ଶ୍ୱାସ ନେଉଛେ, ଯାହା ଖାଉଛେ ଓ ଯେପରି ଜୀବନ ଯାପନ କରୁଛେ, ସବୁକିଛି ପ୍ରକୃତି ସହିତ ଅବିଚ୍ଛିନ୍ନ ଭାବେ ଜଡିତ। ଏହି ପ୍ରକୃତି ଯେତେବେଳେ ଅସମନ୍ୱିତ ହୁଏ, ସେତେବେଳେ ମାନବ ଜୀବନରେ ରୋଗ, ଚିନ୍ତା ଓ ଅସୁସ୍ଥତା ଇତ୍ୟାଦି ପ୍ରବେଶ କରିଥାଏ।

ପ୍ରତିବର୍ଷ ନଭେମ୍ବର ମାସ ୧୮ ତାରିଖକୁ ଭାରତରେ ଜାତୀୟ ପାକୃତିକ ଚିକିତ୍ସା ଦିବସ ରୂପେ ପାଳନ କରାଯାଇଥାଏ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରକୃତି ସହିତ ମାନବର ଅତୁଟ ସମ୍ପର୍କକୁ ପୁନଃ ଜୀବନ୍ତ କରିବା ଓ ପାକୃତିକ ଜୀବନ ଶୈଳୀ ପ୍ରତି ଲୋକମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବା। ଏହି ଦିବସରେ ଆମେ ଏକ ମୂଲ୍ୟବାନ ସନ୍ଦେଶ ପାଇଥାଉ। ତାହା ହେଉଛି "ପ୍ରକୃତି ହିଁ ସବୁଠୁ ଶ୍ରେଷ୍ଠ ଚିକିତ୍ସକ।" ପ୍ରତବର୍ଷ ଭଳି ଏ ବର୍ଷର ଶୀର୍ଷକ ରଖା ଯାଇଛି- 'ପାକୃତିକ ଚିକିତ୍ସା ଦ୍ୱାରା ସ୍ୱାଭାବିକ ଭାବରେ ଓଜନ ହ୍ରାସ।' ମେଦ ବହୁଳତା ଆଜିକାଲି ବହୁଳଭାବେ ବଢ଼ିବାକୁ ଲାଗିଛି। ଏହାର ସମାଧାନ ପାଇଁ ଯୋଗ ଓ ପାକୃତିକ ଚିକିତ୍ସା ହି ଏକମାତ୍ର ଉପାୟ। ପାକୃତିକ ଚିକିତ୍ସା ପଞ୍ଚତତ୍ତ୍ୱ ଯଥା ମାଟି, ଜଳ, ଅଗ୍ନି, ବାୟୁ ଓ ଆକାଶ ଉପରେ ଆଧାରିତ। ଏହି ପଞ୍ଚ ଉପାଦାନ ହେଉଛି ଆମ ଶରୀରର ମୂଳ ଗଠନ। ଯଦି ଏହାର ସମନ୍ୱୟ ଭଙ୍ଗ ହୁଏ, ତେବେ ଆମେ ରୋଗର ଶୀକାର ହେଉ। ପାକୃତିକ ଚିକିତ୍ସା ଏହି ଅସମନ୍ୱୟକୁ ସୁଧାରି ପୁନଃ ପ୍ରକୃତିର ସହଜ ତାଳମେଳ ସ୍ଥାପନ କରିଥାଏ। ଏହା ଔଷଧ ଉପରେ ନୁହେଁ, ବରଂ ଉନ୍ନତ ଜୀବନ ଶୈଳୀ,ସୁଷମ ଖାଦ୍ୟ, ନିର୍ମଳ ପାନୀୟ ଜଳ,ଗାଢ ନିଦ୍ରା, ଶାରୀରିକ ଶ୍ରମ , ଉପଯୁକ୍ତ ବିଶ୍ରାମ ଓ ସୁଦୃଢ଼ ତଥା ସକାରାତ୍ମକ ମନୋବଳ ଉପରେ ଆଧାରିତ।

ଆଜିର ଯୁଗରେ ଯେଉଁଠି ମାନବ ଅନିୟମିତ ଜୀବନଶୈଳୀ, ଫାଷ୍ଟଫୁଡ୍, ଅନିଦ୍ରା,ଉଚ୍ଚ ରକ୍ତଚାପ , ମେଦ ବହୁଳ, ମଧୁମେହ,ମାନସିକ ଉଦ୍ ବେଗ ଏବଂ ପ୍ରଦୂଷଣରେ ଆକ୍ରାନ୍ତ ହୋଇପଡୁଛି, ସେଇଠି ପାକୃତିକ ଚିକିତ୍ସା ଏକ ଆଶାର ଆଲୋକ ଭାବେ କାମ କରିଥାଏ । ଏହା ଆମକୁ ଶିଖାଏ ଯେ "ପ୍ରତିଶେଧକ ହେଉଛି ଚିକିତ୍ସା ଠାରୁ ଭଲ।" ଅର୍ଥାତ୍, ରୋଗ ହେବା ପୂର୍ବରୁ ତାହାକୁ ନିବାରଣ ବା ନିରାକରଣ କରିବା ହିଁ ଉପଯୁକ୍ତ ସ୍ୱାସ୍ଥ୍ୟର ମାର୍ଗ ଦର୍ଶନ।

ପାକୃତିକ ଚିକିତ୍ସା ଆମକୁ ଶାରୀରିକ ଓ ମାନସିକ ଶାନ୍ତି ଦେଇଥାଏ। ଏହି ପ୍ରଣାଳୀରେ ମାଟି ସ୍ନାନ, ଜଳ ଚିକିତ୍ସା, ରଙ୍ଗ ଚିକିତ୍ସା, ସୂର୍ଯ୍ୟ ସ୍ନାନ,ସୁଷମ ଖାଦ୍ୟ, ଉପବାସ, ଯୋଗ ଓ ଧ୍ୟାନ ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ଏହି ସବୁ ଉପାୟ ଶରୀରରୁ ବିଷାକ୍ତ ପଦାର୍ଥକୁ ହଟାଇ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଓ ଏହା ସହିତ ମନକୁ ଶାନ୍ତ ଓ ସ୍ୱଚ୍ଛ କରିଥାଏ।

ଜାତୀୟ ପାକୃତିକ ଚିକିତ୍ସା ଦିବସ ପାଳନ ଦ୍ୱାରା ଆମେ ପ୍ରକୃତି ସହିତ ନିଜକୁ ଆହୁରି ଗଭୀର ଭାବରେ ସଂଯୋଗ କରିପାରିଥାଉ। ଏହି ଦିବସ ଆମକୁ ଅନୁପ୍ରେରଣା ଦେଇଥାଏ ଯେ ଆମେ ଆଧୁନିକ ସୁବିଧାର ଲୋଭରେ ପ୍ରକୃତିରୁ ଦୂରେଇ ନୁହେଁ, ବରଂ ତାହା ସହିତ ସମନ୍ୱୟ ରକ୍ଷା କରି ବଞ୍ଚି ଶିଖିବା ଦରକାର।

ସେଥିପାଇଁ ଆମେ ସମସ୍ତେ ଆଜିର ଦିନରେ ପ୍ରତିଜ୍ଞା ନେବା ଉଚିତ୍ ଯେ ଆମେ ପ୍ରକୃତିକୁ ସମ୍ମାନ କରିବା ଏବଂ ସେଥିପାଇଁ ପରିବେଶକୁ ରକ୍ଷା କରିବା। ସହଜ,ସରଳ, ସାଧାରଣ ଏବଂ ସୁସ୍ଥ ଜୀବନଶୈଳୀ ଅନୁସରଣ କରିବ। ପ୍ରକୃତି ଆମର ମା, ଆମ ଚିକିତ୍ସକ ଓ ଆମ ଜୀବନର ସତ୍ୟ ଆଶ୍ରୟସ୍ଥଳ ଅଟେ ।

ଝ ଗ୍ରାମ/ପୋ.ଅ-ବେରୁଆଁବାରୀ
୭୫୨୦୮୨,ଜିଲ୍ଲା-ନୟାଗଡ
ମୋ: ୯୩୩୯୬୧୦୧୬୮



# ଜୀବନରେ କର୍ମର ପ୍ରଭାବ

## ପ୍ର. ଗିରିଜା ଶଂକର ଶର୍ମା

> ପ୍ରତ୍ୟେକ କର୍ମ ଫଳ ବହନ କରିଥାଏ । ଆମେ ଏବେ ଯେଉଁ କର୍ମରେ ଲିପ୍ତ ଅଛୁ ସତ୍ ବା ଅସତ୍ ତାହାର ଫଳ ଆମକୁ ଭୋଗ କରିବାକୁ ପଡ଼ିବ । କର୍ମର ଫଳ ତତ୍କ୍ଷଣାତ୍ ମିଳିପାରେ, ବିଳମ୍ବରେ ମିଳିପାରେ, ଏଇ ଜନ୍ମରେ ମିଳି ପାରେ କିମ୍ବା ପରବର୍ତ୍ତୀ ଜନ୍ମରେ ମିଳିପାରେ । କିନ୍ତୁ କର୍ମଫଳ ମିଳିବାଟା ସୁନିଶ୍ଚିତ । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣେବାଧିକାରସ୍ତେ ମା ଫଳେଷୁ କଦାଚନ ।' ସାଧାରଣ ଅର୍ଥରେ କର୍ମ ଉପରେ ଆମର ଅଧିକାର ରହିଛି ବା ଭିନ୍ନାର୍ଥରେ ଆମେ ଆମ ଇଚ୍ଛା ଅନୁସାରେ କର୍ମ କରି ପାରିବା ସେ କର୍ମ ଭଲ ହେଉ ବା ଖରାପ, ଆମେ ଚାହିଁଲେ ତାହା କରିପାରିବା ।

କର୍ମ ମନୁଷ୍ୟର ଚିର ସହଚର । ବିନା କର୍ମରେ କେହି ରହି ପାରିବେ ନାହିଁ । ଘନ ଜଂଗଲରେ ତପସ୍ୟାରତ ଋଷି ମଧ୍ୟ ତପସ୍ୟା କର୍ମ କରିଥାନ୍ତି । କର୍ମକୁ ଦୁଇ ଭାଗରେ ବିଭକ୍ତ କରିହେବ । ପ୍ରଥମଟି ହେଲା ସତ୍ କର୍ମ ଏବଂ ଦ୍ୱିତୀୟଟି ହେଲା ଅସତ୍ କର୍ମ ବା ଅନିଷ୍ଟକାରୀ କର୍ମ । ହିନ୍ଦୁ ଦର୍ଶନ ଅନୁସାରେ ସତ୍ କର୍ମର ଫଳ ଭଲ ହୋଇଥାଏ ଏବଂ ଅନିଷ୍ଟ କାରୀ କର୍ମର ଫଳ ଭଲ ହୋଇନଥାଏ । ଅନୁଷ୍ଟକାରୀ କର୍ମକୁ ଆମେ 'ପାପ' ବୋଲି ଅଭିହିତ କରିଥାଉ ।

ପ୍ରତ୍ୟେକ କର୍ମ ଫଳ ବହନ କରିଥାଏ । ଆମେ ଏବେ ଯେଉଁ କର୍ମରେ ଲିପ୍ତ ଅଛୁ ସତ୍ ବା ଅସତ୍ ତାହାର ଫଳ ଆମକୁ ଭୋଗ କରିବାକୁ ପଡ଼ିବ । କର୍ମର ଫଳ ତତ୍କ୍ଷଣାତ୍ ମିଳିପାରେ, ବିଳମ୍ବରେ ମିଳିପାରେ, ଏଇ ଜନ୍ମରେ ମିଳି ପାରେ କିମ୍ବା ପରବର୍ତ୍ତୀ ଜନ୍ମରେ ମିଳିପାରେ । କିନ୍ତୁ କର୍ମଫଳ ମିଳିବାଟା ସୁନିଶ୍ଚିତ । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି 'କର୍ମଣୈବାଧିକାରସ୍ତେ ମା ଫଳେଷୁ କଦାଚନ ।' ସାଧାରଣ ଅର୍ଥରେ କର୍ମ ଉପରେ ଆମର ଅଧିକାର ରହିଛି ବା ଭିନ୍ନାର୍ଥରେ ଆମେ ଆମ ଇଚ୍ଛା ଅନୁସାରେ କର୍ମ କରି ପାରିବା ସେ କର୍ମ ଭଲ ହେଉ ବା ଖରାପ, ଆମେ ଚାହିଁଲେ ତାହା କରିପାରିବା । ଉଦାହରଣ ସ୍ୱରୂପ ଗୋଟିଏ ଆତତାୟୀ ଯେତେବେଳେ ଜଣକୁ ହତ୍ୟା କରିଥାଏ, ସେ ତାହା ତା ନିଜ ଇଚ୍ଛାରେ କରିତାଏ । ଦେଶର ଆଇନ୍ କାନୁନ୍, ସତ୍ ଲୋକଙ୍କ ପରାମର୍ଶ ନିଜର ବିବେକର ଦଂଶନକୁ ସେ ଖାତିର ନକରି ତାହା କରିଥାଏ । ସେଥିପାଇଁ ଗୀତା କହେ କର୍ମରେ ବ୍ୟକ୍ତି ବିଶେଷଙ୍କର ଅଧିକାର ଅଛି କିନ୍ତୁ କର୍ମଫଳ ଉପରେ କାହାର କୌଣସି ଅଧିକାର ନାହିଁ । ଆମକୁ କର୍ମଫଳକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଏହା ନିଉଟନ୍‌ଙ୍କ ତୃତୀୟ 'ଲ ଅଫ୍ ମୋସନ୍' ବା ଗତିର ତୃତୀୟ ନିୟମର ଅନୁପାଳନ କରେ । ନିଉଟନ୍‌ଙ୍କ ଗତିର ତୃତୀୟ ନିୟମ ହେଲା 'To every action, there is equal and opposite reaction' ବା ଆପଣ ଯାହା କରନ୍ତି ତାହାର ସମପରିମାଣର ରିଆକ୍‌ସନ୍ ପ୍ରାପ୍ତ କରିଥାନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭଲ କର୍ମର ଫଳ ଭଲ ଓ ଖରାପ କର୍ମର ଫଳ ସର୍ବଦା ଖରାପ ହିଁ ହୋଇଥାଏ ।

ଆମେ ବର୍ତ୍ତମାନ ଭୋଗ କରୁଥିବା କର୍ମଫଳ ସଂଚିତ କର୍ମ, ପ୍ରାରବ୍ଧ କର୍ମ ଓ କ୍ରୀୟମାଣ କର୍ମର ସମାହାର ଅଟେ । ପ୍ରାରବ୍ଧ କହିଲେ ଯାହା ଆମେ ବର୍ତ୍ତମାନ ଭୋଗ କରୁଛୁ । ସଂଚିତ କର୍ମ କହିଲେ ଅନେକ ଜନ୍ମର ଏକତ୍ରିତ ହୋଇଥିବା କର୍ମଫଳ ଏବଂ କ୍ରିୟମାଣ କର୍ମର ଅର୍ଥ ଯେଉଁ କର୍ମ ଗୁଡ଼ିକ ଆମେ ଏବେ ସଂପାଦନ କରୁଛୁ ତାହାର ଫଳ । ହିନ୍ଦୁ, ଜୈନ, ବୌଦ୍ଧ ଏବଂ ଶିଖ୍ ମାନେ ମଧ୍ୟ କର୍ମ ଏବଂ କର୍ମଫଳରେ ବିଶ୍ୱାସ ରଖନ୍ତି । ହିନ୍ଦୁମାନଙ୍କ ଅନୁସାରେ କର୍ମ କହିଲେ ଆମର ପୁରାତନ ପୂଣ୍ୟ କାର୍ଯ୍ୟ ଗୁଡ଼ିକର ପୂଣ୍ୟ ପ୍ରଭାବ ଏବଂ ପାପ କାର୍ଯ୍ୟ ଗୁଡ଼ିକର କ୍ଷତିକାରକ ପ୍ରଭାବ ପରବର୍ତ୍ତୀ ଜନ୍ମ କିମ୍ବା ଜନ୍ମଗୁଡ଼ିକ ପର୍ଯ୍ୟନ୍ତ ଗଡ଼ିଗଡ଼ି ଯାଏ ଓ ଏହି କର୍ମଫଳ ଗୁଡ଼ିକୁ ଭୋଗ କରିବା ପାଇଁ ମନୁଷ୍ୟ ବାରମ୍ବାର ଜନ୍ମନିଏ । ହିନ୍ଦୁଧର୍ମରେ କର୍ମକୁ କାରଣ ଓ କର୍ମଫଳକୁ ପ୍ରଭାବ ଆକାରରେ ଦେଖାଯାଏ । ଏହାର ଅର୍ତ ହେଲା ଯେ ଆମେ ଯାହାଯାହା କର୍ମ କରିଥାଉ ତାର ଫଳଭୋଗ ସଂପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ଆମେ କର୍ମ ବନ୍ଧନରୁ ମୁକ୍ତ ହୋଇ ପାରିବା ନାହିଁ । ଗୋଟିଏ ଜନ୍ମରେ ଯଦି କର୍ମଫଳ ଭୋଗ କରିନ ପାରୁ ଆମକୁ ପରବର୍ତ୍ତୀ ଜନ୍ମ ଗ୍ରହଣ କରିବାକୁ ପଡ଼େ । ଏ ପ୍ରକ୍ରିୟା ଅବିରତ ଚାଲିତାଏ ଯେପର୍ଯ୍ୟନ୍ତ ଆମେ ସଂପୂର୍ଣ୍ଣ କର୍ମଫଳ ଭୋଗ କରିପାରି ନାହୁଁ । ଶଂକରାଚାର୍ଯ୍ୟଙ୍କ ଅନୁସାରେ, 'ପୁନରପି ଜନମଂ, ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନମ୍' ।

ପ୍ରାରବ୍ଧ କର୍ମକୁ ଆମେ ଭାଗ୍ୟ ବୋଲି ଅବିହିତ କରି ପାରିବା ଗୋଟିଏ ଜନ୍ମରେ କିଛି ଭୋଗ କରି ସାରିବା ପରେ, ଯଦି କିଛି ଭୋଗ କରିବାକୁ ରହିଯାଏ । ତାହା ଆମର ପରବର୍ତ୍ତୀ ଜନ୍ମକୁ ଗଡ଼ିଯାଏ । ଜନ୍ମଜନ୍ମାନ୍ତର ଏହି ପ୍ରକ୍ରିୟା ଚାଲିଥାଏ । ଆମେ କେଉଁଠି ଜନ୍ମ ଗ୍ରହଣ କରିବା, ଓ ଆମର ଜୀବନ କାଳ କେତେ ହେବ, ଏସବୁ ଆମ ନିୟନ୍ତ୍ରଣରେ ନଥାଏ । ସବୁ କିଛି ବିଶ୍ୱ ନିୟନ୍ତାଙ୍କ ହାତରେ । ସେଥିପାଇଁ କୁହାଯାଇଥାଏ, 'ଦଇବ ଦଉଡ଼ି ମଣିଷ ଗାଈ' ଯେଣେ ଓଟାରିଲେ ତେଣିକି ଯାଇ' । କର୍ମର ଗତି ଅବିରତ ଚାଲିଥାଏ । ଯେଉଁଠି ଏ ଗତି ସରିଯାଏ, ସେଠାରୁ ପରଜନ୍ମ ହୋଇ କର୍ମପୁଣି ଗତିଶୀଳ ହୋଇଥାଏ । ବିଗତ ଜନ୍ମରୁ ଗଡ଼ି ଚାଲିଥିବା ପ୍ରାରବ୍ଧକୁ ନେଇ ମଣିଷ ପୁଣି ତାର ଜୀବନ ନିର୍ବାହ କରେ ।

କ୍ରିୟମାଣ କର୍ମ ତାହା ଯାହା ଆମ ଜୀବନରେ ଏବେ ଚାଲିଯାଏ ବା ଯେଉଁ କର୍ମ ଗୁଡିକ ଏବେ ଆମେ କରୁଛୁ ବା କରିଛୁ ସେ ଗୁଡ଼ିକ କ୍ରିୟମାଣ କର୍ମରେ ଯାଏ । କର୍ମ ଆମ ସମସ୍ତଙ୍କୁ ବାନ୍ଧି ରଖିଥାଏ । କର୍ମ ବନ୍ଧନ ଦ୍ୱାରା ଆମେ ସଂସାରର ମାୟାଜାଲରେ ସଦାସର୍ବଦା ବାନ୍ଧି ହୋଇ ରହିଥାଉ । ବା ଶାରିରୀକ କଷ୍ଟ ଦେବା, ସେ କର୍ମ ଆମକୁ ପରବର୍ତ୍ତୀ ସମୟରେ ଦୁଃଖ ଦେଇଥାଏ । ଅନ୍ୟକୁ ପ୍ରଶଂସା କରିବା, ଉତ୍ସାହିତ କରିବା, ଅଭାବ ଅସୁବିଧା ସମୟରେ ସାହାଯ୍ୟ କରିବା ଉଚିତ୍ କର୍ମ ହୋଇଥିବାରୁ ଏପରି କର୍ମର ଫଳ ସୁଖଦାୟୀ ହୋଇଥାଏ । ଆମର ଭଲକର୍ମ ସମୟ ସମୟରେ ଆମର ଖରାପ କର୍ମର ପ୍ରଭାବକୁ ହ୍ରାସ ବା ଦୁର୍ବଳ କରିଥାଏ । ଆମର ଭଲକର୍ମ ଆମ କର୍ମକୁ ଅକର୍ମରେ ପରିଣତ କରି ମୁକ୍ତିର ପଥ ପରିଷ୍କାର କରେ ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି କୌଣସି ଜିନିଷ ପ୍ରତି ଆସକ୍ତି ଭାବ ନରଖି କର୍ମ କରିବା ଉଚିତ । ନିମ୍ନ ପଦାବଳୀକୁ ଲକ୍ଷ୍ୟ କରିବା:-

'ହେ ପାର୍ଥ ଧନଞ୍ଜୟ ବୀର,
ଆସକ୍ତି କର୍ମ ତ୍ୟାଗ କରେ
ସିଦ୍ଧି ଅସିଦ୍ଧି କରମରେ,
ସମତା ଭାବ ନ ରହିଲେ
କର୍ମ ସଫଳ ହୁଏ ନାହିଁ,
ସମତାକୁ ହିଁ ଯୋଗ କହି ।
ସମତା ସ୍ଥିତି ହୋଇ କର୍ମ,
କରୁଥିବା ସାଧକ ଗଣ
ଜନ୍ମ ବନ୍ଧନ ସେ କାଟନ୍ତି,
ପରମାତ୍ମାକୁ ଲଭିଥାନ୍ତି । (ଗୀତରେ ଗୀତରେ ଗୀତା, ଧରଣୀଧର ପ୍ରଧାନ)

ଆମେ ଅତୀତରେ କରିଥିବା କିଛି କର୍ମ ଅଦୃଷ୍ଟ ଭାବରେ ଫଳବତୀ ହୋଇଥାଏ ଯାହା ଆମକୁ ଆଶ୍ଚର୍ଯ୍ୟ କରିପାରେ । ଯେମିତି ମଂଜିଟିଏ ଗଛ ହେବା ପାଇଁ ଆବଶ୍ୟକ ପରିବେଶକୁ ଅପେକ୍ଷା କରିଥାଏ ଠିକ୍ ସେପରି ଭାବରେ ଉଚିତ୍ ସମୟରେ ଆମକୁ କର୍ମଫଳ ଭୋଗ କରିବାକୁ ପଡ଼ିଥାଏ । ଛୋଟ ମଂଜିରୁ ବିରାଟ ବୃକ୍ଷ ସୃଷ୍ଟି ହେବା ସେପରି ସଂଭବ ହୋଇଥାଏ ଠିକ୍ ସେପରି ଆମର ଛୋଟ କର୍ମ ପାଇଁ ଫଳ ବିରାଟ ମଧ୍ୟ ହୋଇପାରେ । କର୍ମ ବନ୍ଧନର ଶକ୍ତି କୃତଜ୍ଞତା, କ୍ଷମା ଓ ସମର୍ପଣ ଦ୍ୱାରା କ୍ଷୀଣ ହୋଇଥାଏ । ସତ୍ କର୍ମ ଦ୍ୱାରା କର୍ମ ବନ୍ଧନ ଦୁର୍ବଳ ହୁଏ ଏବଂ ମୁକ୍ତିର ମାର୍ଗ ପ୍ରଶସ୍ତ ହୁଏ ।

କର୍ମ ଫଳରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ଜ୍ୟୋତିଷ, ତାଂତ୍ରିକ ମାନଙ୍କ ଦ୍ୱାରସ୍ଥ ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି । ଏମାନେ ବିଭିନ୍ନ ଅନ୍ଧ ବିଶ୍ୱାସର ମଧ୍ୟ ଶୀକାର ହୋଇଥାନ୍ତି । ଏସବୁ ସଂପୂର୍ଣ୍ଣ ନିରର୍ଥକ କାହିଁକି ଆମକୁ କର୍ମ ବନ୍ଧନରୁ ରକ୍ଷା ପାଇବା ପାଇଁ ସତ୍ କର୍ମ କରିବା ଦରକାର । ଅନ୍ୟ କୌଣସି ଉପାୟରେ କର୍ମ ବନ୍ଧନରୁ ମୁକ୍ତି ପାଇ ହେବ ନାହିଁ । ତେଣୁ ସର୍ବଦା ସତ୍ କର୍ମ ଆମର ଶ୍ରେୟ ହେବା ଉଚିତ୍ ।

ଧନକଉଡ଼ା, ସଂବଲପୁର-
୭୬୮୦୦୬
ମୋ: ୮୯୧୭୪୯୪୦୯୫

## ଅସହାୟ ପ୍ରେମିକ ମୁଁ...

### ରାମଚନ୍ଦ୍ର ବେହେରା

ଅସହାୟ ପ୍ରେମିକଟିଏ ମୁଁ
ଶୂନ୍ୟତାର ଘେରରେ
ଏବେବି ଅପେକ୍ଷା କରିଛି
କେବେ ହେବ ତୁମ ଆଗମନ
ତୁମ ନିରବ ଅହଂକାର
କେବେ ମଉଳିଯିବ
ଶରତ ଜହ୍ନରାତି ପରି
ପାଦ ଥାପି ଥାପି ତୁମେ
ଆସିବ,ଫୁସ୍ ଫୁସ୍ କଥାହେବ
ପୁଣି ସଳଖିବ ସମ୍ପର୍କର ଖିଅ
ଦୃଢ ହେବ ଆଗକୁ ଆଗକୁ
ପ୍ରତୀକ୍ଷାର ଅନ୍ତ ହେବ
ନୂଆ ଆଶା ଉଦ୍ଦୀପନା ନେଇ
ନୂଆ ସ୍ୱପ୍ନ ପୁଣି ଆସିବ
ସମାଜ ଦୁଆରେ
ପରିଚିତ ହେବା ଆମେ
ତଳକୁ ମୁହଁକରି ଚାଲିଯିବେ
ସମ୍ପର୍କକୁ ବଦନାମ
କରୁଥିବା ଜଣାଶୁଣା ଲୋକ
ତୁମେ ଦେଇଥିବା ପ୍ରତିଶ୍ରୁତି
ପୁଣି କଅଁଳି ଉଠିବ
ବିଶ୍ୱାସ ସାମ୍ନାରେ
ଅବିଶ୍ୱାସ ହାର ମାନିବ
ଆମେ ଗଢିବା ନୂତନ ଉଆସ
ଯେଉଁଠି ନଥିବ
ରାଗ ରୋଷ ମାନ ଅଭିମାନ
ବିହଂଗର କାକଳୀରେ
ଗୁଂଜରିତ ହେଉଥିବ ପ୍ରାଣ
ତୁମେ ଥିବ ମୁଁ ଥିବି
ନଥିବ ନିଃସଂଗତା
ବିବଶ ପରାଣରେ
ଝଂକୃତ ହେବ ସଂଗୀତର ମୂର୍ଚ୍ଛନା
ପ୍ରୀତି ପୀୟୂଷର ଧାରାରେ
ବହିଯିବା ଅପଂହଚ ରାଇଜକୁ
ଯେଉଁଠି ଥିବ
ଦୁଇଟି ସରଳ ନିଷ୍ପାପ ମନ
ମୁଠା ମୁଠା ସ୍ନେହ ସମ୍ମୋହନ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬




## କିପରି କା ଚକ୍ରବ୍ୟୂହ

### ଅଜିତ କୁମାର ରାଉତ

ଗ୍ରାହକ ମିଳନ୍ତି ନାହିଁ
କି କରିବେ ନେତା
ଦୋକାନ ଚାଲୁଛି କାହିଁ
କରୁଛନ୍ତି ଚିନ୍ତା !
ସ୍ୱପ୍ନ ତାଙ୍କ ଭାଙ୍ଗି ଯାଏ
ସଉା ମିଳେ ନାହିଁ
ଟଙ୍କା ଖାଇଲେ ଜନତା
ଭୋଟ ଦେଲେ କାହିଁ ?
ଭ୍ରଷ୍ଟାଚାର କରି ଟଙ୍କା
ଯାହା ରଖିଥିଲେ
ରାଷ୍ଟ୍ର ଡିଜିଟାଲ କରି
ସବୁ ନାଶି ଦେଲେ !
ନାହିଁ ଜବରଦଖଲ
ବୁଥ ମାନଙ୍କରେ
ଲାଗିଛି ତହିଁ କେମେରା
ଚାହିଁଛି ଧ୍ୟାନରେ !
ଚାଲାକ୍ ହେଲେ କିପରି
ଜନତା ଆଜିର
କରିଲେ ଟି ଟଙ୍କା ନେଇ
ଭୋଟ ଜିରୋ ଜିରୋ !
ବଡ଼ ପାର୍ଟି ନେତା ଗଲା
ଇଟାଲୀକୁ ଚାଲି
ଲୁଟିକରି ଅନ୍ୟ ନେତା
ଦେଉଛନ୍ତି ଗାଳି !
ସରକାରୀ ଚାକିରୀ ହେ
ଦେବ ଘର ଘର
କାମ ନ ଆସିଲା ତାହା
ହାରିଲା ଏଥର !
ଘରରେ ଲୁଚିଛି ଜ୍ଞାନୀ
ନ ଆସେ ବାହାର
ମୁଣ୍ଡ ପିଟି ବିପକ୍ଷର
ଦାରୁଣ ଚିତ୍କାର !
ଡିଜିଟାଲ ପ୍ରଭା ଆସି
କୁଟିଳ ତା ନାଶି
ତଣ୍ଟି ଚିପି ଦେଲା ଦେଖ
ଦୃଷ୍ଟ ଗଲେ ଭାସି !

ସଭାପତି ଉତ୍କଳ ସମ୍ମିଳନୀ, ଗ୍ରାମ-କଳାବାଡିଆ, ପୋ-ରାଜନଗର,
ଜିଲ୍ଲା-ଷଡ୍ଢେଇକଳା-ଖରସୁଆଁ,
ଝାଡ଼ଖଣ୍ଡ ରାଜ୍ୟ
ମୋ: ୬୨୦୫୩୪୩୫୬୯

## ହ୍ୟୁମାନ ସାଗର

### ଜୟନ୍ତ ମଲ୍ଲିକ



ଅସଂଖ୍ୟ ପୀରତି ଗୀତର ସାଗର
ଥିଲେ ଯେ ହ୍ୟୁମାନ ସାଗର -
କୋଟି ପ୍ରେୟସୀଙ୍କ ହୃଦୟେଶ୍ୱର ସେ
ସେ ପୁଣି ରସିକ ନାଗର।

ଯୁବକ ଯୁବତୀ ମାନଙ୍କ ହୃଦୟେ
କରିଥିଲେ ସେତ ଘର -
ତାଙ୍କ ବିୟୋଗରେ ସଭିଙ୍କ ନୟନେ
ବହିଯାଏ ଲୁହ ଝର।

ଶୂନ୍ୟସ୍ଥାନ ଆଜି ହୋଇଅଛି ସୃଷ୍ଟି
ସିଏ ଚାଲିଗଲା ପରେ -
ତାଙ୍କ ପ୍ରତିଭାର ଅଲିଭା ସ୍ମୃତିକୁ
ମୁଁ ଯେ ନିରାଜନା କରେ।
ସ୍ରଷ୍ଟାଙ୍କ ଶ୍ରୀପଦେ କରୁଛି ମୁଁ ଅଳି
ପ୍ରୀତିର ପ୍ରଦୀପ ଜାଳି -
ନୂତନ ଗାୟକ ଗାୟିକଙ୍କ ଶିରେ
ଦିଅନ୍ତୁ ସେ କୃପା ଢ଼ାଳି।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ଚର୍ମ କର୍କଟର ବିପଦ, ପରୀକ୍ଷା ଓ ପ୍ରତିଷେଧକ



'ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଶ୍ରେୟସ୍କର' ପ୍ରବାଦଟି ଚର୍ମ କର୍କଟ ବିଷୟରେ ବିଚାର କରିବା ବେଳେ ଖୁବ୍ ପ୍ରାସଙ୍ଗିକ। ଚର୍ମ କର୍କଟ ସାଧାରଣତଃ ଚର୍ମର ତନ୍ତୁ ମଧ୍ୟରେ ମାଲିଗ୍ନାଣ୍ଟ୍ କୋଷଗୁଡ଼ିକର ଅସ୍ୱାଭାବିକ ବୃଦ୍ଧି ଦ୍ୱାରା ହୋଇଥାଏ। ଯଦିଓ ଏହା ପ୍ରାୟତଃ ସୂର୍ଯ୍ୟକିରଣ ସହିତ ଜଡ଼ିତ, ଏହା ବେଳେ ବେଳେ ସୂର୍ଯ୍ୟକିରଣରୁ ସୁରକ୍ଷାପ୍ରାପ୍ତ ଚର୍ମରେ ମଧ୍ୟ ବିକଶିତ ହୋଇପାରେ। ପାଶ୍ଚାତ୍ୟ ବିଶ୍ୱ ତୁଳନାରେ ଭାରତରେ ଏହାର ପ୍ରାଦୁର୍ଭାବ କମ୍ ଥିଲେ ମଧ୍ୟ, ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚର୍ମ କର୍କଟ ଏକ ଚିନ୍ତାର ବିଷୟ ହୋଇ ରହିଛି।

ଚର୍ମ କର୍କଟ ସାଧାରଣତଃ ତିନି ପ୍ରକାରର; ଯଥା ବାସାଲ୍ ସେଲ୍ କାର୍ସିନୋମା, ସ୍କ୍ୱାମସ୍ ସେଲ୍ କାର୍ସିନୋମା ଏବଂ ମେଲାନୋମା। ଭାରତୀୟ ଭେଷଜ ଗବେଷଣା ପରିଷଦ(ଆଇସିଏମ୍ଆର) ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ସମଗ୍ର ଭାରତରେ ଚର୍ମ କର୍କଟ ରୋଗର ଆଞ୍ଚଳିକ ପରିବର୍ତ୍ତନକୁ ଦର୍ଶାଇଛି। ଉତ୍ତର ଭାରତରେ ମେଲାନୋମାର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ବେଳେ ଉତ୍ତର-ପୂର୍ବ ଅଞ୍ଚଳରେ, ବିଶେଷକରି ନାଗାଲାଣ୍ଡରେ ଅଣମେଲାନୋମା ଅଧିକ ଦେଖା ଯାଇଛି।

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶକୁ କମ୍ କରିବା ଭଳି ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ ହେଉଛି ଏ ଦିଗରେ ପ୍ରଥମ ଫଳପ୍ରସୂ ପ୍ରତିରକ୍ଷା

ଚର୍ମ କର୍କଟ ବିପଦକୁ ହ୍ରାସ କରିବା ପାଇଁ ଅତି ବାଇଗଣୀ ରଶ୍ମି ସଂସ୍ପର୍ଶ ବିରୋଧରେ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରିବା ହେଉଛି ପ୍ରଥମ ପ୍ରତିରକ୍ଷା। ସୂର୍ଯ୍ୟ ସଂସ୍ପର୍ଶକୁ ସୀମିତ କରିବା, ବିଶେଷକରି ଭୀଷଣ ଖରା ସମୟରେ ଛାଇରେ ରହିବା ଆଦି ପ୍ରଭାବଶାଳୀ ପ୍ରତିଷେଧକ ହୋଇପାରିବ। ଏଥି ସହିତ ପ୍ରତ୍ୟହ ବ୍ରଡ୍-ସ୍ପେକ୍ଟ୍ରମ୍ ସନ୍‌ସ୍କ୍ରିନ୍ ପ୍ରୟୋଗ ଅତିରିକ୍ତ ସୁରକ୍ଷା ଯୋଗାଇପାରିବ। ସେହିପରି ଇ-ସିଗାରେଟ୍ ସମେତ ଧୂମପାନରୁ ଦୂରେଇ ରହିବା ଆଦି ପଦକ୍ଷେପ ସ୍କ୍ୱାମସ୍ ସେଲ୍ କାର୍ସିନୋମା ଓ ମେଲାନୋମା ହେବାର ବିପଦକୁ କମାଇଦିଏ। ବୟସ ବଢ଼ିବା ସହିତ ଚର୍ମ କର୍କଟ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ଚର୍ମରେ ଦେଖାଦେଉଥିବା ପରିବର୍ତ୍ତନ ଉପରେ ନଜର ରଖିବା ଉଚିତ। ଆବଶ୍ୟକ ସ୍ଥଳେ ଚର୍ମରୋଗ ବିଶେଷଜ୍ଞଙ୍କ ସହିତ ଆଲୋଚନା ମାଧ୍ୟମରେ ଚର୍ମ କର୍କଟ ବିପଦ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ। ଚର୍ମ କର୍କଟ ପରୀକ୍ଷଣ ବା ନିରୂପଣ ପାଇଁ କର୍କଟ କିମ୍ବା ପ୍ରାକ୍ କର୍କଟ ଅବସ୍ଥାର ସୂଚକ ସ୍ୱରୂପ ଚର୍ମ ଉପରେ କୌଣସି ନୂତନ ବୃଦ୍ଧି, ଦାଗ କିମ୍ବା ଅସ୍ୱାଭାବିକତାକୁ ବିଶ୍ଳେଷଣ କରାଯାଇଥାଏ। ଯଦି କୌଣସି ଚିନ୍ତାର କ୍ଷେତ୍ର ଚିହ୍ନଟ ହୁଏ, ତେବେ କର୍କଟ କୋଷର ଉପସ୍ଥିତି ନିଶ୍ଚିତ କରିବା ପାଇଁ ଚର୍ମ ବାୟୋପ୍ସି ପରି ଅଧିକ ପରୀକ୍ଷା ସୁପାରିସ କରାଯାଇପାରେ। ମେଲାନୋମାର ଅଧିକ ବିପଦ ଥିବା ବ୍ୟକ୍ତି କୋଷୀୟ ସ୍ତରରେ ଚର୍ମ କର୍କଟ ଚିହ୍ନଟ କରିବା ପାଇଁ ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ କିମ୍ବା କନ୍‌ଫୋକାଲ୍ ମାଇକ୍ରୋସ୍କୋପି ଭଳି ଉନ୍ନତ ଇମେଜିଂ ପଦ୍ଧତିରେ ସ୍କ୍ରିନିଂ କରାଯାଇଥାଏ। ଏହି ଅତ୍ୟାଧୁନିକ ପରୀକ୍ଷଣ କୌଶଳଗୁଡ଼ିକ ମେଲାନୋମାକୁ ପ୍ରାରମ୍ଭିକ ସ୍ତରରୁ ଚିହ୍ନଟରେ ସାହାଯ୍ୟ କରିଥାଏ, ବିଶେଷକରି ଶରୀରରେ ଅନେକ କଳାଜାଇ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଲାଭଦାୟକ। ସମ୍ପୂର୍ଣ୍ଣ ଶରୀରର ୩ଡି ଇମେଜିଂ ସହିତ, ଡାକ୍ତରମାନେ ଶରୀରର ଏକ ଡିଜିଟାଲ୍ ମଡେଲ୍ ତିଆରି କରି ପ୍ରତିଟି ଚର୍ମକ୍ଷତର ବିସ୍ତୃତ ତର୍ଜମା କରିପାରିବେ। ଚର୍ମ କର୍କଟ ସ୍କ୍ରିନିଂ ସାମଗ୍ରିକ ପ୍ରତିରୋଧକ ସ୍ୱାସ୍ଥ୍ୟର ଏକ ଅଂଶ ହୋଇପାରେ।



# କେମିତି ବଢ଼ାଇବେ ପିଲାଙ୍କ ସୋସିଆଲ ସ୍କିଲ୍: ଆପଣାନ୍ତୁ ଏହି ଟିପ୍ସ

ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ସୋସିଆଲ ସ୍କିଲ୍ ମଧ୍ୟ ବଢ଼ାଇବାକୁ ହୋଇଥାଏ। ପିଲାମାନେ ଯଦି ଏହି କ୍ଷେତ୍ରରେ ଦୁର୍ବଳ ରହିଥାନ୍ତି ତେବେ ମାତାପିତା ଏଥିପ୍ରତି ଦୃଷ୍ଟିଦେବା ଜରୁରୀ।

ପିଲାଙ୍କୁ ଶେୟାରିଂ ଗୁଣ ଶିଖାନ୍ତୁ। ଫଳରେ ପିଲାମାନେ ସମସ୍ତଙ୍କ ସହ ମିଳିମିଶି ଚଳିପାରିବେ। ପିଲାବେଳରୁ ଏହି ଗୁଣ ଶିଖିଥିଲେ ବଡ଼ ହେବା ପରେ ତା'ର ପ୍ରଭାବ ପଡ଼ିଥାଏ। ପ୍ରତି କ୍ଷେତ୍ରରେ ସେମାନେ ସମସ୍ତଙ୍କ ସହ ମିଶି ସବୁକାମ କରିବାକୁ ପସନ୍ଦ କରିବେ। ଫଳରେ ସେମାନଙ୍କ ସୋସିଆଲ୍ ସ୍କିଲ ବହୁତ ଭଲ ହୋଇପାରିବ। କେତେଜଣ ପିଲା ନିଜ ଖେଳନା କାହାକୁ ଦେଇ ନ ଥାନ୍ତି। ବରଂ ଅନ୍ୟମାନଙ୍କ ଖେଳନାରେ ଖେଳିବାକୁ ପସନ୍ଦ କରନ୍ତି। ପିଲାଙ୍କର ଏହି ଗୁଣକୁ ବଦଳାଇବାକୁ କୁହନ୍ତୁ। ସମସ୍ତଙ୍କ ଖେଳନାରେ ସମସ୍ତେ ଖେଳିବା ଦରକାର ବୋଲି ବୁଝାନ୍ତୁ। ଏହା ଫଳରେ ସେମାନେ ଉଦାର ହୃଦୟର ହୋଇପାରିବେ ଓ ଏକାଠି ରହିବା ଶିଖିପାରିବେ।

ନୈତିକତା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗପ ଶୁଣାନ୍ତୁ। ଏହି ମାଧ୍ୟମରେ ଉତ୍ତମ ଚରିତ୍ରର ବ୍ୟକ୍ତି ସମାଜରେ କିଭଳି ପ୍ରଶଂସିତ ହୋଇପାରନ୍ତି ପିଲାଙ୍କୁ ବୁଝାନ୍ତୁ। ଫଳରେ ଏହାର ପ୍ରଭାବରେ ସେମାନେ ନିଜକୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିପାରିବେ ଓ ଅନ୍ୟର ଉପକାର ଚିନ୍ତା କରିପାରିବେ। ନମ୍ରତା ଏକ ଭଲ ଗୁଣ। ଏଭଳି ଗୁଣ ସମ୍ପର୍କରେ ପିଲାଙ୍କୁ ଶିଖାନ୍ତୁ। ଏହା ସେମାନଙ୍କ ବ୍ୟକ୍ତିତ୍ୱ ବୃଦ୍ଧି କରିପାରିବ। ଫଳରେ ସମାଜର ବିଭିନ୍ନ କ୍ଷେତ୍ରରେ ସେମାନେ ଭଲ କାମ କରିବାର ପ୍ରୟାସ କରିବେ। ଏସବୁ ଦ୍ୱାରା ସେମାନଙ୍କ ସୋସିଆଲ ସ୍କିଲ୍ ବହୁତ ଭଲ ହୋଇପାରିବ।




କାକୁଡି ଏକ ଲାଭଦାୟକ ଫଳ, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିଥାଏ, କିନ୍ତୁ କିଛି ଖାଦ୍ୟ ସହିତ ଏହାକୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଜାଣନ୍ତୁ, ଏହି ଖାଦ୍ୟ ସହିତ କାକୁଡ଼ି ଖାଇବାଠାରୁ ଦୂରେଇ ରହିବା ଉଚିତ। କାକୁଡ଼ି ସହିତ ଭୁଲ ଖାଦ୍ୟ ମିଶ୍ରଣ ପାଚନ ସମସ୍ୟା, ଗ୍ୟାସ ଏବଂ ପୁଷ୍ଟିହାର ହ୍ରାସ କରିପାରେ। ଆସନ୍ତୁ ଜାଣିବା କାକୁଡି ସହିତ କଣ ଖାଇବା ଉଚିତ ନୁହେଁ? କାକୁଡିରେ ପ୍ରଚୁର ପରିମାଣରେ ଭିଟାମିନ ସି ଏବଂ ପାଣି ଥାଏ, ଯେତେବେଳେ କ୍ଷୀର ଏକ ପ୍ରୋଟିନ, ଚର୍ବିଯୁକ୍ତ ଖାଦ୍ୟ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ପାଚନ ସମସ୍ୟା, ଗ୍ୟାସ ଏବଂ ଏସିଡିଟି ହୋଇପାରେ। କାକୁଡିରେ ଏପରି କିଛି ଉପାଦାନ ଥାଏ ଯାହା ଖଟା ଫଳ ସହିତ ମିଶିଲେ ଏସିଡିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏହା ପେଟ ପୋଡ଼ା, ଗ୍ୟାସ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିପାରେ। ତେଣୁ କାକୁଡି ସହିତ ଖଟା ଫଳ ଖାଇବାରୁ ଦୂରେଇ ରୁହନ୍ତୁ। ଭୋଜିରେ ପ୍ରାୟତଃ କାକୁଡି ଏବଂ ଟମାଟୋ ଏକାଠି ପରିବେଷଣ କରାଯାଏ, କିନ୍ତୁ ଏହି ଦୁଇଟି ଖାଦ୍ୟର ପାଚନ ସମୟ ଭିନ୍ନ ହୋଇଥାଏ। ଟମାଟୋ ଏସିଡିକ ଏବଂ କ୍ଷାରୀୟ ହୋଇଥାଏ, ତେଣୁ ଏହାର ମିଶ୍ରଣ କିଛି ଲୋକଙ୍କ ପାଇଁ ଗ୍ୟାସ, ଏସିଡିଟି ଏବଂ ଓକାର ଭଳି ସମସ୍ୟା ସୃଷ୍ଟି କରିପାରେ। କାକୁଡି ଏବଂ ତରଭୁଜର ମିଶ୍ରଣ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଏଗୁଡ଼ିକୁ ଏକାଠି ଖାଇବା ଦ୍ୱାରା ପାଚନ ତନ୍ତ୍ର ଉପରେ ଅତ୍ୟଧିକ ଚାପ ପଡ଼ିଥାଏ। ଏହା ଡାଇରିଆ, ଗ୍ୟାସ ଏବଂ କ୍ରାମ୍ପ ସୃଷ୍ଟି କରିପାରେ, ବିଶେଷକରି ଦୁର୍ବଳ ପାଚନ ଶକ୍ତି ଥିବା ଲୋକଙ୍କ ପାଇଁ ଏହି ସମସ୍ୟା ବଢ଼ିପାରେ। ତେଣୁ କାକୁଡ଼ି ଏବଂ ତରଭୁଜ ଏକାଠି ଖାଇବାରୁ ଦୂରେଇ ରୁହନ୍ତୁ। କାକୁଡି ଶରୀରକୁ ଥଣ୍ଡା କରିଥାଏ, ଯେତେବେଳେ ମସଲାଯୁକ୍ତ ଖାଦ୍ୟ ଗରମ ପ୍ରଭାବ ପକାଇଥାଏ। ଉଭୟକୁ ଏକାଠି ସେବନ କରିବା ଦ୍ୱାରା ଶରୀରର ତାପମାତ୍ରାରେ ଅସନ୍ତୁଳନ ହୋଇପାରେ, ଯାହା ପାଚନ ସମସ୍ୟା ସୃଷ୍ଟି କରିପାରେ।

# ଏସବୁ ଖାଦ୍ୟ ଗରମ କରି ଖାଉଛନ୍ତି କି ? ହୋଇଯାନ୍ତୁ ସାବଧାନ, ନଚେତ୍...





କିଛି ଖାଦ୍ୟ ଏପରି ଅଛି ଯାହାକୁ ଅଧିକ ଗରମ କରି ଖାଇଲେ ତାହା ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏନେଇ ଜାଣିବା ପରେ ବଦଳାଇ ଦିଅନ୍ତୁ ଅଭ୍ୟାସ

ବ୍ରେଡ୍: ହ୍ୱାଇଟ୍ ବ୍ରେଡ୍‌ରେ କାର୍ବୋହାଇଡ୍ରେଟ୍ସ ଓ ସୁଗାର ବହୁ ଅଧିକ ରହିଥାଏ। ଏହାକୁ ଅଧିକ ଗରମ କଲେ ଏଥିରେ ଏଭଳି ଏକ ତତ୍ତ୍ୱ ସୃଷ୍ଟି ହୁଏ ଯାହା କ୍ୟାନ୍‌ସରର ଆଶଙ୍କା ବଢ଼ାଇ ଦେଇଥାଏ। ତେଣୁ ବ୍ରେଡ୍‌କୁ ଅଧିକ ଗରମ କରନ୍ତୁ ନାହିଁ ଓ ପୋଡ଼ିଯାଇଥିବା ଅଂଶକୁ ଆଦୌ ଖାଆନ୍ତୁ ନାହିଁ।

ଆଳୁ:ଛୋଟରୁ ବଡ଼ ସମସ୍ତଙ୍କର ପ୍ରିୟ ଆଳୁ। ହେଲେ ଏହାକୁ ଅଧିକ ଭାଜି ଖାଇଲେ ତାହା ମଧ୍ୟ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିପାରେ। ଏକ ରିସର୍ଚ୍ଚରୁ ଜଣାପଡ଼ିଛି କି ଆଳୁକୁ ଅଧିକ ଆଞ୍ଚରେ ଭାଜିଲେ ବା ଗରମ କଲେ ସେଥିରୁ ଏକ ହାନିକାରକ ତତ୍ତ୍ୱ ବାହାରିଥାଏ ଯାହା ମଧ୍ୟ କ୍ୟାନ୍‌ସର ସୃଷ୍ଟିକରିବାର ଏକ କାରଣ ହୋଇପାରେ।



ତେଲ: ତେଲରେ କୌଣସି ଜିନିଷକୁ ଛାଣି ଖାଇବା ପରେ ବଳକା ତେଲକୁ ବାରମ୍ବାର ଗରମ କରି ଖାଇଲେ ତାହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। କାରଣ ତେଲକୁ ବାରମ୍ବାର ଗରମ କଲେ ସେଥିରେ ହାନିକାରକ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି ଯାହା କ୍ୟାନ୍‌ସର ସୃଷ୍ଟିର ମଧ୍ୟ ଅନ୍ୟତମ କାରଣ ହୋଇପାରେ।

ଫ୍ରୋଜନ ଫୁଡ୍: ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ଫ୍ରୋଜନ ଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏହି ପ୍ରକାରରେ ରଖାଯାଇଥିବା ମାଂସରେ ନାଇଟ୍ରେଟ୍ ଓ ନାଇଟ୍ରାଇଟ୍ ଭଳି ପଦାର୍ଥ ରହିଥାଏ ଯାହାକୁ ରାନ୍ଧିବା ମାତ୍ରେ ଏକ ପ୍ରକାର ହାନିକାରକ ତତ୍ତ୍ୱ ବାହାରିଥାଏ, ଯାହା କ୍ୟାନ୍‌ସର ସୃଷ୍ଟି କରିପାରେ। ଯଦି ଏହି ପ୍ରକାର ମାଂସ ଆଣନ୍ତି ତେବେ ଏହାକୁ ଓଭରକୁକ୍ କରନ୍ତୁ ନାହିଁ।

ମାଛ: ମାଛରେ ପ୍ରୋଟିନ୍ ରହିଛି। କିନ୍ତୁ ଏହାକୁ ଅଧିକ ଭାଜି ଖାଇଲେ ତାହା କ୍ୟାନ୍‌ସର ସୃଷ୍ଟି କରିପାରେ।

ସେହିପରି ପ୍ଲାଷ୍ଟିକ୍ ବାସନ ନେଇ ଓଭାନ୍‌ରେ ଗରମ କରି ଖାଇଲେ, ନନ୍‌ଷ୍ଟିକ୍ ବାସନରେ ପୋଡ଼ିଯାଇଥିବା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ।





# ଦୀର୍ଘ ଜୀବନର ରହସ୍ୟ

ବିଶୃଙ୍ଖଳା, ଚାପ ଓ ନିରନ୍ତର କୋଳାହଳ ପୂର୍ଣ୍ଣ ବିଶ୍ୱରେ ଜଣେ ମହିଳା ନିଜର ଚିନ୍ତାଧାରା ଆଧାରିତ ଶୈଳୀରେ ଜୀବନ ଧାରଣ କରି ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତି ହେବାର ବିରଳ ଗୌରବ ଲାଭ କରିଛନ୍ତି। ବୃଦ୍ଧାବସ୍ଥା ଗବେଷଣା ସଂସ୍ଥା ଅନୁଯାୟୀ, ୧୧୫ ବର୍ଷୀୟା ବ୍ରିଟିସ ମହିଳା ଏଥେଲ୍ କ୍ୟାଟରହାମ୍‌ଙ୍କୁ ଏବେ ବିଶ୍ୱର ସବୁଠୁ ବୟସ୍କ ଜୀବିତ ବ୍ୟକ୍ତିର ମାନ୍ୟତା ମିଳିଛି। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ପୂର୍ବରୁ ୧୯୦୯ ଅଗଷ୍ଟ ୨୧ରେ ଦକ୍ଷିଣ ଇଂଲାଣ୍ଡର ସିପ୍‌ଟନ୍ ବେଲିଞ୍ଜର ନାମକ ଛୋଟ ଗାଁରେ ଜନ୍ମିତ ଏଥେଲ୍ ତାଙ୍କ ଜୀବନରେ ଦୁଇଟି ବିଶ୍ୱଯୁଦ୍ଧ, ପ୍ରଯୁକ୍ତିବିଦ୍ୟା ଓ ଇଣ୍ଟରନେଟ୍‌ର ଉତ୍‌ଥାନ ସମେତ ବିଶ୍ୱ ଇତିହାସରେ ଅଗଣିତ ପରିବର୍ତ୍ତନ ଦେଖିଥିଲେ ମଧ୍ୟ ତାଙ୍କର ଜୀବନର ମନ୍ତ୍ର ସମାନ ରହିଛି: "କେବେ ବି କାହା ସହିତ ଯୁକ୍ତିତର୍କ କରନାହିଁ। ମୁଁ ସବୁ ଶୁଣେ ଏବଂ ମୁଁ ଯାହା ପସନ୍ଦ କରେ ତାହା କରେ।" ଏହି ନିୟମ ହିଁ ତାଙ୍କ ଦୀର୍ଘ ଆୟୁଷର ରହସ୍ୟ। ଆଠ ଭାଇଭଉଣୀଙ୍କ ମଧ୍ୟରେ ସପ୍ତମ ସନ୍ତାନ ଏଥେଲ୍ ୧୮ ବର୍ଷ ବୟସରେ ଭାରତକୁ ଆସି ଜଣେ ଧାଈ ଭାବରେ କାମ କଲେ। ତିନି ବର୍ଷ ପରେ ସେ ଇଂଲଣ୍ଡ ଫେରି ଜଣେ ବ୍ରିଟିସ ସେନାଧିକାରୀଙ୍କୁ ବିବାହ କରି ପରେ ହଂକଂ ଓ ଜିବ୍ରାଲ୍‌ଟରରେ

# ବ୍ୟାୟାମ କରିବା ପୂର୍ବରୁ ଏସବୁ ଦିଗ ପ୍ରତି ରଖନ୍ତୁ ଧ୍ୟାନ



ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଏହି ସମୟରେ ଶୋଷ ଲାଗିଲେ ଅଳ୍ପ ପାଣି ପିଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।

# ଆଖଣ୍ଡଳମଣି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,୧୮/୧୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବାଣୀପୀଠ ପରିସରରେ ନୂତନ ଆଖଣ୍ଡଳମଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ସଭାପତି ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଓ ତାଙ୍କ ଧର୍ମପତ୍ନୀ ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ତଥା ସମାଜସେବୀ ମାଧୁରୀ ଶତପଥୀଙ୍କ ଉଦ୍ୟମରେ ପୁରାତନ ଛାତ୍ର ସଂସଦର ବହୁ କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦେଇଥିଲ । ଏହି ଅବସରରେ ଅନୁଷ୍ଠିତ ଯଜ୍ଞରେ ବିଜୟ କୁମାର ଶତପଥୀ ଓ ମାଧୁରୀ ଶତପଥୀ କର୍ତ୍ତା ଓ କର୍ତ୍ତି ଭାବେ ଯୋଗଦେଇ ରୀତିନୀତି ଅନୁଯାୟୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିଥିଲେ । ପଣ୍ଡିତ ବିଜୟ କୁମାର କର ଓ ଆଲୋକ ପଣ୍ଡା ସମେତ ସହଯୋଗୀମାନେ କଳସ ଯାତ୍ରା ସହ ବିଗ୍ରହଙ୍କ ମହାସ୍ନାନ, ଜୀବନ୍ୟାସ, ନବଗ୍ରହ ସ୍ଥାପନ, ଧ୍ୱଜା ଓ ତ୍ରିଶୂଳ ଲାଗି କରାଯିବା ପରେ ମହାଦେବ ମନ୍ଦିରରେ ବିରାଜମାନ କରାଯାଇଥିଲା । ଏହି ସମୟରେ ସାଧୁସନ୍ଥ ଓ ପଣ୍ଡିତଙ୍କ ମନ୍ତ୍ରଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା । ଅତିଥି ଭାବରେ ସମାଜସେବୀ ମିନତୀ ସାହୁ ଯୋଗଦେଇ ମହାଦେବଙ୍କ ଦର୍ଶନ କରିଥିଲେ । ଧର୍ମଶାଳା ବାଣୀପୀଠର ପ୍ରଧାନ ଶିକ୍ଷକ ବାସୁଦେବ ରାଉଳ, ପୁରାତନ ଛାତ୍ର ପ୍ରଧାପକ ରମେଶ ଚନ୍ଦ୍ର ସିଂହ, ଉପଦେଷ୍ଟା ଜଗବନ୍ଧୁ ସ୍ୱାଇଁ, ସଂପାଦକ ଆଦିକନ୍ଦ ସ୍ୱାଇଁ, ଧରଣୀଧର ଦାଶ, କୋଷାଧ୍ୟକ୍ଷ ନୀଳମଣି ନାୟକ, ପ୍ରଧାପକ ମନୋରଞ୍ଜନ ମହାନ୍ତି,ବିକ୍ରମ କେଶରୀ ମହାନ୍ତି, ସରପଂଚ ସୁମିତ୍ରା ସ୍ୱାଇଁ, ହରିହର ସାହୁ,କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଜଳଧର ମହାନ୍ତି,ନିରଂଜନ ପଣ୍ଡା, ବିବେକାନନ୍ଦ ନାୟକ,ଅର୍ଜ୍ଜୁନ ପୃଷ୍ଟି, ପ୍ରାଧ୍ୟାପକ ଜଳଧର ସାହୁ, ଭିକାରୀ ମଲ୍ଲିକ, ମଦନ ମୋହନ ରାଉତ, କେଳୁଚରଣ ନାୟକ, ସହକାରୀ ଶିକ୍ଷକ ପ୍ରଭାତ କୁମାର କର ଓ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲ । ଏଠାରେ ସୂଚନାଯୋଗ୍ୟ, ଧର୍ମଶାଳା ବାଣୀପୀଠର ତତ୍କାଳୀନ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମହାନ୍ତି ଏକ କ୍ଷୁଦ୍ର ଆଖଣ୍ଡଳମଣି ମନ୍ଦିର ପ୍ରତିଷ୍ଠା କରିଥିଲେ । ଏହା ସମୟ କ୍ରମେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ଧର୍ମଶାଳା ବାଣୀପୀଠର ପୂରାତନ ଛାତ୍ର ସଂସଦର ଉଦ୍ୟମ କ୍ରମେ ନୂତନ ଆଖଣ୍ଡଳମଣୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ଏଭଳି ଉଦ୍ୟମକୁ ଅଂଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି ।

# ଆସନ୍ତା ୩୦ ତାରିଖର ଜୟପୁର ବ୍ଲକ ସ୍ତରୀୟ ପରବ

ଜୟପୁର ,୧୮/୧୧ (ନି.ପ୍ର): ଜୟପୁର ବ୍ଲକ ସ୍ତରିୟ ପରବ ପାଳନ ନେଇ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ବ୍ଲକ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦଙ୍କ ସହ ପରବ କମଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଆସନ୍ତା ୩୦ ତାରିଖରେ ବ୍ଲକ ସ୍ତରିୟ ପରବ ଶୁଭ ଉଦଘାଟନ ହେବ । ଚଳିତ ବର୍ଷ ମା ଜଗତଜନନି ମନ୍ଦିରରେ ଶୁଭ ଉଦଘାନ ହେବ । ମା ଙ୍କ ନିକଟରେ ପୂଜା ପାଠ ପରେ ମଶାଲ ଶୋଭାଯାତ୍ରା ବାହାରିବ । ବ୍ଲକ ସ୍ତରିୟ ପରବ ନେଇ ୧୨ ଟି ଗଠନ କରାଯାଇଛି । ଜୟପୁର ବ୍ଲକ ସ୍ତିରୟ ପରବ ଯେପରି ଧୁମ ଧାମ ରେ ହୋଇ ପାରିବ ସେ ନେଇ ନିଷ୍ପତ୍ତି ହୋଇଛି ।

# ନୂତନ ଜିଲ୍ଲା ସଭାପତି ମନୋଜ ଜେନାଙ୍କୁ ସମ୍ବର୍ଦ୍ଧନା: କଂଗ୍ରେସ ଭବନରେ ଗୃହପୂଜା ସହ କର୍ମୀ ସମ୍ମିଳନୀ

କେନ୍ଦୁଝର,୧୮/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ ଭବନ ଆଜି ବେଶ ଚଳଚଂଚଳ ଥିଲା, ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ଉପନିର୍ବାଚନରେ ବିଜେଡ଼ିକୁ ତଳେ ରଖି ଅଧିକ ଭୋଟ ପାଇ ଥିବାରୁ ପରାଜିତ ହେଲେ ମଧ କଂଗ୍ରେସ କର୍ମୀ ବେଶ ଉତ୍ସାହିତ ଜଣାପଡୁଥିଲେ। ଆଜି ନବ ନିଯୁକ୍ତ ଜିଲ୍ଲା ସଭାପତି ଯୁବ ଚେହେରା ମନୋଜ କୁମାର ଜେନା ବିଧିବଦ୍ଧ ଭାବେ କଂଗ୍ରେସ ଭବନରେ ଗୃହ ପ୍ରବେଶ କରି ନିଜ ସଭାପତି ଚୌକିରେ ବସିଥିଲେ। ଏଥିଲାଗି କଂଗ୍ରେସ ଭବନର ନବକଳେବର କରାଯାଇଥିଲା। ସୁନ୍ଦର ସାଜସଜ୍ଜା ସହ ନୂଆ ଚେୟାର ଟେବୁଲ ପକା ଯାଇଥିଲା। ଅଫିସ ଘରେ ତେଣୁ ପୂଜା ପାଠର ଆୟୋଜନ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ଲଳିତ କୁମାର ନାୟକ କର୍ତ୍ତା ହୋଇଥିଲେ। ତେବେ ଅପରାହ୍ନରେ ନୂତନ ସଭାପତିଙ୍କୁ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଲାବନ ଛକରୁ ପଟୁଆରରେ କଂଗ୍ରେସ ଭବନର ନୂତନ ଫାଟକ ଦେଇ ଅଫିସରେ ପ୍ରବେଶ କରାଇଥିଲେ। ଏହାପରେ ଜିଲ୍ଲା ସେବା ଦଳ ଅଧକ୍ଷ ବୀରଭଦ୍ର ମହାନ୍ତଙ୍କ ସଭାପତିଙ୍କୁ ସ୍ୱାଗତ କରି ଗାର୍ଡ ଅଫ ଅନର ଦିଆଯାଇ କଂଗ୍ରେସ ପତାକା ଉତୋଳନ ହୋଇଥିଲା। ବନ୍ଦେ ମାତରଂ ଓ ଜନଗଣ ଗାନ କରାଯାଇଥିଲା। ଆଜି ଦେଢ଼ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ଜିଲ୍ଲା ସଭାପତିଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଂଗ୍ରେସ କର୍ମୀ ମାନେ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିଲାଗି ପୂର୍ବତନ ଜିଲ୍ଲା ସଭାପତି ମୋହନ ଚରଣ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଉପସ୍ଥିତ ରହି ନବ ନିଯୁକ୍ତ ଜିଲ୍ଲା ସଭାପତିଙ୍କୁ ଆର୍ଶୀବାଦ କରିଥିଲେ। ନିରଞ୍ଜନ ପଟ୍ଟନାୟକ ପିସିସି ଦ୍ୱାରା ଜଣେ ଯୁବକଙ୍କୁ ନିଯୁକ୍ତି ମିଳିଥିବାରୁ କଂଗ୍ରେସ ଜିଲ୍ଲାରେ ପୁଣି ଉଠି ଠିଆ ହେବ ବୋଲି କହିଥିଲେ। କଂଗ୍ରେସ ହିଁ କେବଳ ଲୋକଙ୍କ ଉନ୍ନତି କରିଛି ବାକି ସବୁ ଫମ୍ପା ଆବାଜ କରନ୍ତି ସେ କହି କଂଗ୍ରେସ ଉପରେ ଆସ୍ଥା ରଖିବାକୁ ନିବେଦନ କରିଥିଲେ। ଜୟଦେବ ଜେନା ସେହିପରି ଭୋଟ ଚୋରି କଥା କହି ଏହାର ପ୍ରତିକାର ହେବ କଂଗ୍ରେସ ଜିଲ୍ଲାରେ ଛଅ ବିଧାନସଭା ସିଟ ସହ ଲୋକସଭା ପୁଣି ଦଖଲ କରିବ, ଆଗାମୀ ଦିନରେ କେନ୍ଦୁଝର ସହରରେ ୧୫/୨୦ ହଜାର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବିରାଟ କର୍ମୀ ସମ୍ମିଳନୀ ହୋଇ ଖୋଲା ଆଲୋଚନା ହେବ ବୋଲି ମଧ ସେ କହିଥିଲେ। ନୂତନ ସଭାପତି ଶ୍ରୀ ଜେନା ସମସ୍ତଙ୍କ ସହଯୋଗରେ ନିଶ୍ଚିତ ଲୋକଙ୍କ ଲାଗି ଲଢେଇ ହେବ, କଂଗ୍ରେସ ଲୋକଙ୍କ ଆସ୍ଥାଭାଜନ ହେବ ବୋଲି କହିଥିଲେ। ଆଜି କାର୍ଯ୍ୟକ୍ରମ ପରେ ଜିଲ୍ଲା କଂଗ୍ରେସର ଶକ୍ତି ବୃଦ୍ଧି ହୋଇଛି ବୋଲି ଆଲୋଚନା ହୋଇଥିଲା।

ଆଜି ଏହି ସଭାରେ ପୂର୍ବତନ ସାଂସଦ ରାଜ୍ୟ ଆଦିବାସୀ ସେଲ ଅଧକ୍ଷ ଯଶୋବନ୍ତ ସିଂହ ନାରାୟଣ ଲାଗୁରି, ଆଲୋକ ମିଶ୍ର, ପୂର୍ବତନ ସଦର ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରି, ପ୍ରତିଭା ମଞ୍ଜରୀ ନାୟକ, ସଂଗ୍ରାମ ଦାସ, ଉତମ ସାହୁ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ହୃଷିକେଶ ନାୟକ, ଶୁଭମ ରାଜ, ସୁନେଶ ଧୀର, ସୁବ୍ରତ ଚକ୍ର, ଯଦୁମଣି ବାରିକ, ନିର୍ମଳ ନାୟକ, ପ୍ରମୋଦ ବେହେରା, ଗୌରହରି ନାୟକ, ସୁଜଳ କୁମାର ସେଠୀ, ହାଡିବନ୍ଧୁ ଖୁଂଟିଆ, ନିକୁଞ୍ଜ ମିଶ୍ର, ସୋନାଲି ମାରାଣ୍ଡି, ବସନ୍ତ ଦାସ, ରତ୍ନାକର ଜେନା, ଆର୍ତ୍ତ ଦାସ, କ୍ଷୀରୋଦ ଜେନା, ରଘୁନାଥ ଜେନା, ପୂର୍ଣ୍ଣ ଚନ୍ଦ୍ର ଦାସ, ରାଂଚି ନାୟକ, ମୁକୁନ୍ଦ ମହାନ୍ତ, ସଚ୍ଚିଦାନନ୍ଦ ମିଶ୍ର, ପ୍ରଦୀପ ଗିରି, ଶୁକଦେବ ମହାକୁଡ଼, ସବିତା ସାହୁ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଡିସେମ୍ବର ୧ ରୁ ୭

ପୁରୀ,୧୮/୧୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା କୋଣାର୍କ ଚନ୍ଦ୍ରଭାଗା ଠାରେ ଡିସେମ୍ବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଳାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମିତ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କୋଣାର୍କ ନୃତ୍ୟ ମହୋତ୍ସବ, ଆନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ସହ ସୁଭଦ୍ରା ଶକ୍ତି ମେଳା ଏକ ସମୟରେ ଆୟୋଜନ ହେଉଥିବାରୁ ଗହଳିର ଆଶା କରାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗମନାଗମନ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୁବିଧା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନ ଶୃଙ୍ଖଳା ରକ୍ଷା ଇତ୍ୟାଦିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ ସହ ଚଳିତ ବର୍ଷର ସୁଭଦ୍ରା ଶକ୍ତି ମେଳା ଚନ୍ଦ୍ରଭାଗା ଠାରେ ଆୟୋଜିତ ହେବ ଓ ହସ୍ତଶିଳ୍ପ ସହ ପ୍ରାୟ ୨୦୦ ଷ୍ଟଲର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ। ପାର୍କିଂ ସ୍ଥଳ ଚିହ୍ନଟ, ବ୍ୟବହାର ଉପଯୋଗୀ, ଆବଶ୍ୟକ ସୁବିଧା ବ୍ୟବସ୍ଥା କରିବା,ଆଲୋକ ବ୍ୟବସ୍ଥା, ସ୍ୱଚ୍ଛତା ବ୍ୟବସ୍ଥା,ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ରାସ୍ତା ଘାଟ ସମତୁଲ ବ୍ୟବସ୍ଥା, କଳାକାର ଓ ଷ୍ଟଲ ପାଇଁ ଆସିଥିବା ବ୍ୟକ୍ତି ମାନଙ୍କ ରହଣୀ ବ୍ୟବସ୍ଥା, ସୂଚନା ପ୍ରଦାନ, ପ୍ରଚାର ପ୍ରସାର ବ୍ୟବସ୍ଥା, ଆଇନ ଶୃଙ୍ଖଳା, ଟ୍ରାଫିକ ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀଙ୍କୁ ସମସ୍ତ ବ୍ୟବସ୍ଥାକୁ ଚୂଡାନ୍ତ କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ପ୍ରତ୍ୟହ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, କୋଣାର୍କ ବିଡ଼ିଓ ଛବିରାଣୀ ସାହୁ, କୋଣାର୍କ ଏନଏସି ର ପୌର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଓରମାସ ର ଡେପୁଟି ସିଇଓ ନିଗମ ଚରଣ ଦାସ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମିଶନ ଶକ୍ତିର ଡିପିସି ସ୍ୱାଗତିକା ପରିଡା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦ୍ୱିତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ

ଜୟପୁର ,୧୮/୧୧ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ଆନୁକୁଲ୍ୟରେ ଦ୍ୱିତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥିଭାବେ କୁଳସଚିବ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ମହେଶ୍ୱର ନାୟକ,ଖେଳ ସଚିବ ସଚିନ କୁମାର ନାୟକ, ପିଇଓ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ଭାଗବତ ପ୍ରସାଦ ସିଂ ,ସରପ ଂଚ ପ୍ରଫୁଲ କ୍ରିସାନୀ, ପୂର୍ବତନ ବ୍ଲକ ଅଧକ୍ଷ କୃପାସିନ୍ଧୁ ମୁଦୁଲି,ସୋମନାଥ ମୁଦୁଲି, ଈଶ୍ୱର ଦାର୍ଲି ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଲମତାପୁଟ ବ୍ଲକ ଅଧକ୍ଷା ତାପସ କୁମାର ଚାଲାଣ,ଓଏଭି ମିସିଙ୍ଗପୁଟ ଅଧକ୍ଷ ସାଗର କୁମାର ବେହେରା,ପେଟ ସମିତି ବଳ ଭଦ୍ର ପୁକିଆ,ବାଡ଼ିଗଡ଼ ରଘୁମଣୀ ଖିଲ,ସୁନା ଧର ଅଡାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଦ୍ୱିତୀୟର୍ଦ୍ଧ ଖେଳକୁ ନିଖିଳ କୁମାର ଟାକ୍ରୀ,ରହିତ ଗଡନ ଓ ବଳରାମ ହନ୍ତାଲ ଲାଇନ ମେନ ଭାବେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଂଟ କାର୍ଯ୍ୟକ୍ରମକୁ ଲମତାପୁଟ ଡିଗ୍ରୀ କଲେଜ ଆୟୋଜିତ କରିଥିବା ବେଳେ ଅଧକ୍ଷ ପ୍ରବୀଣ କୁମାର ବିଷୋୟୀ,ମଧୁସୂଦନ ଖିଲ,ଦୀପକ କୁମାର ଟାକ୍ରି,ଆଶିଷ କୁମାର ଶତପଥୀ,ବାବୁଲା, ସତ୍ୟନାରାୟଣ ନାୟକ,ସାଗରିକ,ରଞ୍ଜିତା ଶିଶା,ସୁନିତା ମୁଦୁଲି,ରବି ନାରାୟଣ ସାମଲ,ସୁବାଷ ଚନ୍ଦ୍ର ଆଲଙ୍ଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସହଯୋଗ କରିଥିବା ବେଳେ ଜଗନ୍ନାଥ ଖେମୁଣ୍ଡୁ ଉପସ୍ଥିତ ରହି ଧାରା ବିବରଣୀ କରିଥିଲେ ।

# ନନ୍ଦପୁର ଗ୍ରାମପଂଚାୟତରେ ଜିଲ୍ଲାପାଳଙ୍କ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି ଶିବିର

ଖୋର୍ଦ୍ଧା,୧୮/୧୧ (ନି.ପ୍ର): ଖୋର୍ଦ୍ଧା ବ୍ଲକ ନନ୍ଦପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ପଲ୍ଲୀରେ ପ୍ରଶାସନ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ, ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ଅଧିକାରୀ ମାନେ ସେବା, ସମାଧାନ ଓ ସଚେତନତାକୁ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ କ୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି, ଓଡ଼ିଶା ଜୀବିକା ମିଶନ୍, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା, ପିଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ, ପିଏମ କିଶାନ ଓ ସିଏମ କିଶାନ୍ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ରେଡକ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି କ୍ଷ ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତିଗତ ୫୧ ଗୋଟି ଓ ଗ୍ରାମୀଣ ସମସ୍ୟାଜନିତ ୨ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜନଶୁଣାଣି ଶିବିରରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ବି ଡି ଓ ରୁମାନା ଜାଫ୍ରୀନ, ଆସିଷ୍ଟାଂଟ କଲେକ୍ଟର, ଭୁବନେଶ୍ୱର କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ ।

# ରଗଡ଼ି ଛକରେ ଅଷ୍ଟଶମ୍ଭୁ ପରିବା ବଜାର ଉଦ୍‌ଘାଟିତ

ଭୁବନ,୧୮/୧୧ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ରଗଡି ଛକ ଠାରେ ଗତ ମାସ ୨୭ ତାରିଖରୁ ଆରମ୍ଭ ହୋଇଥିବା ପରିବା ବଜାର ସୋମବାର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଡ଼ିଆ ଭାଙ୍ଗି ପରିବା ମାର୍କେଟକୁ ଉଦଘାଟନ କରିଥିଲେ । ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିବା ଭୁବନ ଏନ୍ ଏ ସି ରେ ଦୀର୍ଘ ୫୦ ବର୍ଷ ପରେ ସ୍ଥାୟୀ ପରିବା ବଜାର ନଥିବା ଓ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ରଗଡ଼ି ଛକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପର୍ଯ୍ୟାପ୍ତ ସରକାରୀ ଜମିକୁ ନିୟନ୍ତ୍ରଣକୁ ଆଣି ବାଲି ଫିଲିଂ, ସାଇଡ ୱାଲ, ପେଭର ବିଛାଇ ପ୍ରଥମେ ୨୭ ଟି କ୍ୟାବିନ ପକାଇ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରିଥିଲେ । ପରିବା ବଜାର ପାଇଁ ପ୍ରାଥମିକ କାର୍ଯ୍ୟ ଶେଷ ହେବା ପରେ ଚାଷୀ ମାନଙ୍କ ପାଇଁ ୩ ଟି ପିଣ୍ଡି ନିର୍ମାଣ କରିଥିଲେ । ଏହା ବାଦ ଗ୍ରାହକଙ୍କ ସୁବିଧା ପାଇଁ ଏକ ଆମିନିଟି ସେଣ୍ଟର ଏବଂ ୩୦୦ କ୍ଷମତା ବିଶିଷ୍ଟ ବହୁମୁଖି କୋଠାଘର ( ମଲ୍ଟି ପର୍ପୋଜ ହଲ ) ନିର୍ମାଣ କରିଥିଲେ । ପ୍ରାୟ ବର୍ଷକ ପୂର୍ବେ ଏହି ପରିବା ବଜାର ନିର୍ମାଣ ସମ୍ପୂର୍ଣ ହୋଇଥିବା ବେଳେ ସରକାର ପରିବର୍ତନ ଯୋଗୁ ଉଦଘାଟନ ହୋଇପାରିନଥିଲା । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନେଇ ଭୁବନରେ ଏବେ ଏନଏସି ଅଫିସ ସମ୍ମୁଖରେ ଗୋଟିଏ ଏବଂ ରଗଡ଼ି ଛକରେ ଗୋଟିଏ ସମୁଦାୟ ଦୁଇଟି ପରିବା ମାର୍କେଟ ହୋଇଥିବାରୁ ଜନସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

# ମନ୍ଦିରକୁ ଦୁର୍ବୃତଙ୍କ ଟାର୍ଗେଟ : ଟେର୍ ପାଉନି ପୁଲିସ

ଧର୍ମଶାଳା,୧୮/୧୧ (ନି.ପ୍ର): ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡା କାଠ । ଏଭଳି ଉକ୍ତିଟି ଯାଜପୁର ଜିଲା ଧର୍ମଶାଳା ପୁଲିସ ପାଇଁ ପ୍ରଜୁଯ୍ୟ ହୋଇଛି । ଦୀର୍ଘ ମାସ ହେବ ଜାରକା ଓ ଏହାର ଆଖପାଖ ଅଂଚଳରୁ ଦୁର୍ବୃତମାନେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଲଗାତାର ଭାବେ ଚୋରି କରୁଥିବା ବେଳେ ଧର୍ମଶାଳା ପୁଲିସ କେବଳ ଅଭିଯୋଗର ମାମଲା ରୁଜୁ କରିବା ସହ ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସିରହୁଛି । ପୁଲିସ ଦୁର୍ବୃତଙ୍କୁ ନ ଜଗି ସବୁକିଛି ମୁକୁଳା ପକାଇ ଦେଲେ ଚୋରି ଆହୁରି ଅଧିକ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି । ତେବେ ଧର୍ମଶାଳା ପୁଲିସ କେବେ ତତ୍ପରତା ଦେଖାଇ ଚୋରିରେ ସମ୍ପୃକ୍ତ ଦୁର୍ବୃତଙ୍କୁ ଧରିବ ତାହାକୁ ସମସ୍ତେ ଚାହିଁ ରହିଥିବା ବେଳେ ଗତକାଲି ରାତିରେ ପୁଣି ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଧର୍ମଶାଳ ଥାନା ଅଧୀନ ବିଭିନ୍ନ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତମାନେ ଛଅଗୋଟି ସ୍ଥାନରୁ ଚୋରି କରି କରିଥିବା ଜଣାଯାଇଛି। ସୂଚନା ମୁତାବକ, ଏହି ଥାନା ଡେରାବର ଗ୍ରାମର ବରେଇଶୁଣି ମନ୍ଦିର, ରାଧାନଗର ଗ୍ରାମର ହନୁମାନ ମନ୍ଦିର, ଶଙ୍ଖାରିଡିହ ଗ୍ରାମର ହନୁମାନ ମନ୍ଦିର, ଭୁବନ ଗ୍ରାମର ତାରିଣୀ ମନ୍ଦିର, ସ୍କୁଲ ଓ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ଚା ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ମନ୍ଦିର ଗୁଡିକରୁ ବିଭିନ୍ନ ପିତଳ ସାମଗ୍ରୀ ଓ ସ୍କୁଲରୁ ବିଭିନ୍ନ ଆସବାବପତ୍ର ଦୁର୍ବୃତ ମାନେ ଚୋରି କରି ନେଇଯାଇଥିବା ଅଭିଯୋଗକାରୀମାନେ କହିଛନ୍ତି । ସେହିପରି ଗୋକର୍ଣ୍ଣେଶ୍ୱର ନିକଟରେ ଥିବା ଚା ଦୋକାନରୁ ବିଭିନ୍ନ ଉପକରଣ ନେଇଯାଇଥିବା ଜଣାଯାଇଛି । ଚୋରି ଯାଇଥିବା ସାମଗ୍ରୀ ଗୁଡ଼ିକର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

# ଏବିଭିପି ତରଫରୁ ରାଜ୍ୟସ୍ତରୀୟ ଜନଜାତି ଛାତ୍ରନେତା ସମ୍ମିଳନୀ କେନ୍ଦୁଝରରେ ଅୟୋଜିତ

କେନ୍ଦୁଝର,୧୮/୧୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ପୂର୍ବ ତରଫରୁ ଏକ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ଜନଜାତି ଛାତ୍ରନେତା ସମ୍ମିଳନୀ ଓ ଜନଜାତି ବିଦ୍ୟାର୍ଥୀ ଦକ୍ଷତା ବିକାଶ କାର୍ଯ୍ୟଶାଳା ଅୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ହଜାରେରୁ ଉର୍ଦ୍ଧ ଜନଜାତି ଛାତ୍ରନେତା ମାନେ ଯୋଗ ଦେଇଥିଲେ। ଏହାର ଉଦ୍ଘାଟନ ସତ୍ରରେ କେନ୍ଦୁଝରର ସାଂସଦ ଅନନ୍ତ ନାଏକ ଉପସ୍ଥିତ ରହି ଜାତୀୟ ଜନଜାତି ଆୟୋଗର ବିବରଣୀ ରଖିଥିଲେ। ଏହା ସହିତ କେନ୍ଦୁଝର ନଗରର ପୌରପାଳିକାର ଅଧକ୍ଷ ଶ୍ରୀମତୀ ନୀକୁ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ପ୍ରମୋଦ ରାଉତ ପୂର୍ଣ୍ଣ ସମୟ ଉପସ୍ଥିତ ରହି ଜନଜାତି ସମାଜର ଗାରିମା ଓ ବିଦ୍ୟାର୍ଥୀ ମାନଙ୍କ ବିକାଶ ଉପରେ ଆଲୋକପାତ କରିଥିଲେ। ଏହିଭଳି ବିମର୍ଶ ବିଷୟରେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତ ଗ୍ରାମ ବିକାଶ ପ୍ରମୁଖ ମହିରାମ ମହାନ୍ତ ଓ ଙଜଚ ବିଷୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖଗେଶ୍ୱର ମହାନ୍ତ ବିଷୟ ରଖିଥିଲେ। ଜନଜାତି ବିଦ୍ୟାର୍ଥୀ ମାନଙ୍କ ପାଇଁ ଏକ ଉବକ୍ସରରକ୍ସ ଉକ୍ଟଙ୍କଭୱରକ୍ଷସଭଶ ସତ୍ରରେ ଆୟୁଷ୍ମାନ ମହାନ୍ତି ବିଷୟ ରଖିଥିଲେ। ସମାପନ ଦିବସ ଦିନ ୧୫୦୦ ରୁ ଅଧିକ ବିଦ୍ୟାର୍ଥୀ ସାଂସ୍କୃତିକ ଶୋଭାଯାତ୍ରାରେ ଭାଗ ନେଇଥିଲେ ଏହି ଜନ ସଭାରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ଜନଜାତି ସହ କାର୍ଯ୍ୟକ୍ରମ ପ୍ରମୁଖ ଶ୍ରୀ ନିଲେଶ ଶୋଲାଙ୍କି ଯୋଗ ଦେଇ ଜନଜାତି ଛାତ୍ରନେତା ମାନେ ଦେଶ ପାଇଁ ଉତ୍ସର୍ଗୀକୃତ ହୁଅନ୍ତୁ ବୋଲି ଆହ୍ୱାନ କରିଥିଲେ।

# ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ମେଳା, ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ

ନୂଆପଡ଼ା,୧୮/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁ ଉଦ୍ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଷୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଷ୍ଟମ ଫର୍ ବିକଶିତ ଆତ୍ମନିର୍ଭର ଭାରତ ବିଷୟ ନେଇ ପ୍ରକଳ୍ପ ପ୍ରଦର୍ଶିତ ହୋଇଅଛି। ସେଥିମଧ୍ୟରୁ ୭ ଗୋଟି ଉପ ବିଷୟ ରହିଅଛି। ସେଗୁଡ଼ିକ ହେଲା କୃଷି ଆତ୍ମ ନିର୍ଭରଶୀଳ, ବର୍ଜ୍ୟବସ୍ତୁରୁ ବିକଳ୍ପ ପ୍ଲାଷ୍ଟିକ ସୁପରିଚାଳନା, ସବୁଜ ଶକ୍ତି, ଅଭିନବ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଗଣିତ ସଂଖ୍ୟାର ପୁନଃ ସୃଷ୍ଟି ବିଷୟରେ ଅନେକ ବିକଳ୍ପ ପଦ୍ଧତିରେ ନିଜ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକ ମନୋନୀତ ହୋଇ ଆଂଚଳିକ ସ୍ତରକୁ ଉନ୍ନୀତ ହେବା ସାଙ୍ଗକୁ ରାଜ୍ୟ ସ୍ତରରେ ପହଂଚାଇବାକୁ ଲକ୍ଷ୍ୟ ରହିଛି ।

# ମାଡ଼କାପଦର୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି,୧୮/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ସ୍ଥିତ ମାଡକାପଦର୍ ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଓ ଉପ ଜିଲ୍ଲାପାଳ ଅଶ୍ୱି ଏ ଏଲ ଉପସ୍ଥିତ ରହି ଜନ ସାଧାରଣଙ୍କ ଅଭିଯୋଗ ଗୁଡିକୁ ଶୁଣିଥିଲେ। ଏହି ଶିବିରରେ ମୋଟ ୬୯ଟି ଅଭିଯୋଗର ଶୁଣାଣି ହୋଇଥିଲା । ତନ୍ମଧ୍ୟରୁ ୧୬ ଗୋଟି ବ୍ୟକ୍ତିଗତ ଓ ୫୩ଟି ସାମୁହିକ ଅଭିଯୋଗ ରହିଥିଲା।

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତିନିଦିନିୟ ଜାତୀୟ ବେଦିକ ସେମିନାର ଶୁଭାରମ୍ଭ

ଜୟପୁର ,୧୮/୧୧ (ନି.ପ୍ର): ତିନିଦିନିଆ ଜାତୀୟ ବେଦିକ ସେମିନାର ଆଜି, ୧୭ ନଭେମ୍ବର ୨୦୨୫ ରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ରେ ଉଦ୍ଘାଟିତ ହୋଇଯାଇଛି । ସିଓର ସଂସ୍କୃତ ବିଭାଗ ଓ ମହର୍ଷି ସନ୍ଦୀପନୀ ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନଙ୍କ ସଂଯୁକ୍ତ ଆୟୋଜନରେ ହୋଇଥିବା ଏହି ସେମିନାର ୧୯ ନଭେମ୍ବର ପର୍ଯ୍ୟନ୍ତ ଚାଲିବ ଓ ବିଭିନ୍ନ ପ୍ରାଯୁକ୍ତିକ ଅଧିବେଶନରେ ବେଦ ଉପରେ ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା ହେବ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା; ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ପ୍ରଫେସର ମୁରଲୀ ମନୋହର ପାଠକ (ମୁଖ୍ୟ ଅତିଥି), ଓଡିଆ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସନ୍ତୁଘ୍ନ ପାଣିଗ୍ରାହୀ (ସମ୍ମାନନୀୟ ଅତିଥି ), ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ପାତଞ୍ଜାଳୀ ମିଶ୍ର (ବିଶେଷ ବକ୍ତା ), ସିୟୁଓର ଅର୍ଥ ଅଧିକାରୀ ଶ୍ରୀ ଦୁର୍ଯୋଧନ ସେଠୀ ଓ ସଂସ୍କୃତ ବିଭାଗର ଭରପ୍ରାପ୍ତ ମୂଖ୍ୟ ତଥା ସେମିନାର ସମ୍ପାଦକ ଡ଼ଃ ନବୀନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସେମିନାରର ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମ ଏକ ବେଦିକ ଯଜ୍ଞର ସହ ଆରମ୍ଭ ହୋଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ସେମିନାରର ସଫଳତା ପାଇଁ ତାଙ୍କ ବାର୍ତ୍ତା ଜରିଆରେ ଶୁଭେଚ୍ଛା ଜଣାଇଲେ। ସଭାପତିତ୍ୱ ଉଦ୍ବୋଧନରେ ପ୍ରଫେସର ପଣ୍ଡା ବେଦମନ୍ତ୍ର ଓ ଏହାର ବ୍ୟାଖ୍ୟାରେ ଶାସ୍ତ୍ରଗୁଡିକର ଗୁରୁତ୍ୱକୁ ଉଦ୍ଧାର କରିଥିଲେ। ପ୍ରଫେସାର ପାଠକ କୋରାପୁଟ ଭଳି ସଂସ୍କୃତିକ ସମୃଦ୍ଧ ଅଂଚଳରେ ବେଦିକ ସେମିନାର ଆୟୋଜନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ବେଦକୁ ଦେଶର ଅମୂଲ୍ୟ ସମ୍ପଦ ବୋଲି ବାଖ୍ୟା କରିଥିଲେ। ସେ କହିଥିଲେ ଯେ ବେଦମନ୍ତ୍ରମାନଙ୍କ ସଠିକ୍ ବୁଝାମଣାରେ ତାହାର ପ୍ରକୃତ ଅର୍ଥ ପ୍ରକାଶିତ ହୁଏ। ପ୍ରଫେସର ପତଞ୍ଜଳି ମିଶ୍ର ବେଦର ସାର୍ବଜନୀନ ଆଧ୍ୟାତ୍ମିକ ପ୍ରସଙ୍ଗିକତା ଏବଂ ତାହାଙ୍କ ସଠିକ୍ ଅଧ୍ୟୟନ ଓ ଉଚ୍ଚାରଣ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଏକତା ପଦଯାତ୍ରା

## ସର୍ଦ୍ଦାର ପଟେଲ ଅଖଣ୍ଡ ଭାରତ ଗଠନର ବିନ୍ଧାଣି ଥିଲେ



ବାରିପଦା, ୧୮/୧୧ (ନି.ପ୍ର): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଉକ୍ତ ପଦଯାତ୍ରାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ସର୍ଦ୍ଦାର ପଟେଲ ଅଖଣ୍ଡ ଭାରତ ଗଠନର ବିନ୍ଧାଣି ଥିଲେ । ତାଙ୍କ ଅଖଣ୍ଡ ଭାରତ ଗଠନ ଓ ରାଷ୍ଟ୍ରୀୟ ଏକତା ଆଦର୍ଶ ପ୍ରତି ସମ୍ମାନ ତଥା ଦେଶପ୍ରେମ ଜାଗ୍ରତ କରିବା ଉଦେଶ୍ୟରେ ଏହି ଏକତା ପଦଯାତ୍ରା ଅନୁଷ୍ଠିତ ହେଉଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷୀ ବିଧାୟିକା ସଞ୍ଜଲୀ ମୁର୍ମୁ, ବିଜେପିର ବରିଷ୍ଠ ନେତା କାନ୍ଦ୍ରା ସୋରେନ ପ୍ରମୁଖ ଯୋଗ ଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନର ଆଦର୍ଶ ଓ ଦୃଢ଼ମନା ମନଭାବର ସ୍ମୃତି ଚାରଣ କରିଥିଲେ । ଏହି ପଦଯାତ୍ରା ଛଉ ପଡିଆ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିବା ଅବସରରେ ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବାଲେଶ୍ୱର ଗୋଲେଇ ନିକଟ ମଞ୍ଚରେ ଦେଶାତ୍ମବୋଧ ଓ ମୟୂରଭଞ୍ଜର ପାରମ୍ପରିକ ଛଉ ନୃତ୍ୟ ଓ ଆଦିବାସୀ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ତଥା ବିଭିନ୍ନ ବିଭାଗର ସମନ୍ୱୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ସଂଚାଳନ କରିଥିଲେ ।

## ୧୬ବର୍ଷିୟା ଯୁକ୍ତଦୁଇ ଛାତ୍ରୀ ନିଖୋଜ

ବେତନଟୀ, ୧୮/୧୧ (ନି.ପ୍ର): ବେତନଟୀ ଥାନା ଇଲାକାର ଜନୈକା ୧୬ବର୍ଷିୟା ଯୁକ୍ତଦୁଇ ଛାତ୍ରୀ ନିଖୋଜ ଘଟଣାରେ ପରିବାରଲୋକଙ୍କ ଏତଲାକ୍ରମେ ମଙ୍ଗଳବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ଏତଲାକାରୀ ନିଖୋଜ ନାବାଳିକା ଛାତ୍ରୀଙ୍କ ବାପାଙ୍କ ଅଭିଯୋଗ ମୁତାବକ ସବୁଦିନ ଭଳି ତାଙ୍କ ଝିଅ ସୋମବାର କଲେଜ ଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ । ସନ୍ଧ୍ୟା ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ । ସମସ୍ତ ସାଙ୍ଗସାଥୀ, ସମ୍ପର୍କୀୟ ବନ୍ଧୁବାନ୍ଧବ ତଥା ବିଭିନ୍ନ ସ୍ଥାନମାନଙ୍କରେ ଖୋଜାଖୋଜି କରିଥିଲେ ସୁଦ୍ଧା ନାବାଳିକା ଝିଅର କୋଣସି ଖୋଜଖବର ମିଳିନଥିଲା । ଶେଷରେ ଘରଲୋକେ ମଙ୍ଗଳବାର ବେତନଟୀ ଥାନାର ଦ୍ୱାରସ୍ଥ ହୋଇ ଲିଖ ଏତଲା ଦାଏର କରିଛନ୍ତି । ଏନେଇ ବେତନଟୀ ପୁଲିସ ୪୧୪ ନମ୍ବରରେ ଏକ ଅପହରଣ ଜନିତ ମାମଲା ରୁଜୁକରି ପୀଡିତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଆରମ୍ଭ କରିଛି ।

# ଖୋର୍ଦ୍ଧା ବ୍ଲକ ନନ୍ଦପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି ଶିବିର ଅନୁଷ୍ଠିତ




ଖୋର୍ଦ୍ଧା , ୧୮/୧୧ (ନି.ପ୍ର): ଖୋର୍ଦ୍ଧା ବ୍ଲକ ନନ୍ଦପୁର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା ଙ୍କ ପଲ୍ଲୀରେ ପ୍ରଶାସନ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ କୁ ଅଧିକାରୀ ମାନେ ସେବା, ସମାଧାନ ଓ ସଚେତନତା କୁ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଣ୍ଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା , ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି । ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତ୍ତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୫୧ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୦୨ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜନଶୁଣାଣି ଶିବିରରେ ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା ଲାଡେ ଗଜାନନ ଦୟାନନ୍ଦ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ,ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା , ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ,ବି ଡି ଓ ରୁମାନା ଯାଫ୍ରୀ,ଆସିଷ୍ଟାଣ୍ଟ କଲେକ୍ଟର, ଭୁବନେଶ୍ୱର କର୍ଥର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ ହିଆଲ , ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଦୋନାମିକା ରାୟ,ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଏକତା ପଦଯାତ୍ରା ପାଇଁ ଉତ୍ସବମୁଖର ଉଦଳା ସହର

## ଏକ ଭାରତ ଆତ୍ମନିର୍ଭର ଭାରତର ସ୍ଲୋଗାନ ଖେଳାଇଦେଲା ନୂଆ ଉତ୍ସାହ



ଉଦଳା, ୧୮/୧୧ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତି ପାଳନ ଅବସରରେ ମୟୂରଭଂଜ ଜିଲ୍ଲା ପ୍ରଶାସନର ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଏକତା ପଦଯାତ୍ରାର ପର୍ବ ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜି ନଭେମ୍ବର ୧୮ ତାରିଖ ମଙ୍ଗଳବାର ଦିନ ଉଦଳା ଠାରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବା ସହିତ ସମଗ୍ର ଉଦଳା ସହର ଉତ୍ସବ ମୁଖର ହୋଇ ଉଠିଛି । ପ୍ରଭାତରେ କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ବିଭିନ୍ନ ବିଦ୍ରାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହ ଓଡ଼ିଶା ସରକାରଙ୍କ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ନଗରପାଳ ପ୍ରମିଳା ପଣ୍ଡା, ବ୍ଲକ ଅଧକ୍ଷା ମଂଜୁଲତା ବିଶ୍ୱାଳ, ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାୟକ, ଉଦଳା ଥାନା ଅଧିକାରୀ ବୃନ୍ଦାବନ ବାରିକ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରିଙ୍କ ସମେତ ଗଣମାଧମର ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏକ ଶୋଭାଯାତ୍ରାରେ ବାହାରି ଉଦଳା ସହର ପରିକ୍ରମା କରିଥିଲେ । ଏହାପରେ ସମସ୍ତେ ଉଦଳା ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ଠାରେ ଏକତ୍ରିତ ହେବା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସମସ୍ତ ଅତିଥି ସର୍ଦ୍ଦାର ପଟେଲଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ପରେ ଦେଶ ଗଠନରେ ସର୍ଦ୍ଦାର ପଟେଲଙ୍କର ଭୂମିକା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିବା ସହ ଭାରତର ଇତିହାସ ତାଙ୍କର ଅବଦାନକୁ କେବେ ଭୁଲିପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ସମସ୍ତେ ଏକସ୍ୱରରେ ‘ବନ୍ଦେ ମାତରମ...’ ସଂଗୀତ ବୋଲିଥିଲେ । ପରେ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଦେଶାତ୍ମବୋଧକ ସଂଗୀତ ଓ ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିବା ସହ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥିଲା । ଜାତୀୟ ସେବା ଯୋଜନା, ସମରଶିକ୍ଷାର୍ଥି ବାହିନି, ଯୁବରେଡ଼କ୍ରସ, ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଦିବସବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମ ଏକ ନୂଆ ଉତ୍ସାହ ଖେଳାଇ ଦେଇଥିଲା ।

# ବିଦ୍ୟାଳୟ ସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡ଼ା ପ୍ରତିଯୋଗିତା




ବାଲେଶ୍ୱର , ୧୮/୧୧ (ନି.ପ୍ର): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ଓ ସମ୍ଭବ ସି.ପି. ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ସୃଜନାତ୍ମକ କଳା ପ୍ରଦର୍ଶନ ଏବଂ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟନ ହୋଇଯାଇଅଛି । ଦି ୱେଲଫେୟାର ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଙ୍କ ସଭାପତିତ୍ୱରେ ସ୍ଥାନୀୟ ମିଶନ ପଡ଼ିଆ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ , ଓଡ଼ିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଦ୍ୟାଳୟ ସ୍ତରୀୟ ଦୌଡ଼ , ସଟ୍ ଫୁଟ୍ ପ୍ରତିଯୋଗିତା ଏବଂ ବିଦ୍ୟାଳୟ ପରିସରରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା । ପରିଶେଷରେ ସମସ୍ତ ବିଜେତା ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହିତ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା , ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନବୀନ କୁମାର ବେହେରା ଏବଂ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଉ ୪ଟି ନୂଆ ତହସିଲ...

ମହାନଗର ନିଗମ ଅଂଚଳରେ ହୋଇଥିବାବେଳେ ଏହାର ବିଶାଳ ଭୌଗୋଳିକ କ୍ଷେତ୍ର, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଘନତ୍ୱ ଓ ବହୁଳ ସେବା ଯୋଗାଣ କାର୍ଯ୍ୟ ଯୋଗୁଁ ଲୋକଙ୍କୁ ଅସୁବିଧା ହେଉଛି । ବିଶେଷକରି ଭୁବନେଶ୍ୱର, କଟକ ଓ ସମ୍ବଲପୁର ମହାନଗର ନିଗମ ତଥା ପାଶ୍ୱର୍ବର୍ତ୍ତୀ ଅଂଚଳରେ ଜମିଜମା କିଣାବିକା ଅଧିକ ଭାବେ ବଢ଼ିଚାଲିଛି । ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଭୁବନେଶ୍ୱର ତହସିଲକୁ ବିଭାଜନ କରି ୨ଟି ନୂଆ ତହସିଲ, କଟକ ତହସିଲକୁ ବିଭାଜନ କରି ଗୋଟିଏ ନୂଆ ତହସିଲ ଓ ସମ୍ବଲପୁର ତହସିଲକୁ ବିଭାଜନ କରି ଗୋଟିଏ ନୂଆ ତହସିଲ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଫର୍ମାଟରେ ଆସନ୍ତା ୭ଦିନ ମଧ୍ୟରେ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ ଖୋର୍ଦ୍ଧା, କଟକ ଓ ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରସ୍ତାବରେ ନୂଆ ତହସିଲଗୁଡ଼ିକର ପ୍ରସ୍ତାବିତ ସ୍ଥାନ, ଆରଆଇ ସର୍କଲଗୁଡ଼ିକର ନାମ, ସେହି ତହସିଲରେ ସଂଯୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ନାମ ଓ ସେଗୁଡ଼ିକର ପ୍ରାସଙ୍ଗିକ ଥାନା (ପୁଲିସ ଥାନା)ର ନାମ ଉଲ୍ଲେଖ କରିବାକୁ ପଡ଼ିବ । ପ୍ରସ୍ତାବ ପ୍ରସ୍ତୁତି ସମୟରେ ଭୌଗୋଳିକ ସୀମା ଓ ସାଧାରଣଙ୍କ ଲୋକଙ୍କ ପାଇଁ ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖିବାକୁ କୁହାଯାଇଛି । ସେହିପରି ଏହି ପ୍ରସ୍ତାବ ଚୂଡ଼ାନ୍ତ କରିବାବେଳେ ନିର୍ବାଚିତ ପ୍ରତିନିଧି ଓ ଅଂଶୀଦାରମାନଙ୍କ ସହ ଆଲୋଚନା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ନୂଆ ତହସିଲଗୁଡ଼ିକ ପାଇଁ ଆବଶ୍ୟକ କର୍ମଚାରୀ ଓ ଆର୍ଥିକ ବିବରଣୀକୁ ସଂପୃକ୍ତ ରାଜସ୍ୱ ଡିଭିଜନାଲ୍ କମିଶନରଙ୍କ (ଆରଡିସି) ମାଧ୍ୟମରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ଦେଇଥିବା ନିର୍ଦ୍ଧାରିତ ଫର୍ମାଟରେ ନୂଆ ତହସିଲର ସ୍ଥାନ, କାର୍ଯ୍ୟକ୍ଷେତ୍ର, ଆରଆଇ ସର୍କଲ ଏବଂ ଗାଁର ତାଲିକା , ବିଭିନ୍ନ ରାଜସ୍ୱ ମାମଲାର ତଥ୍ୟ , ଆବଶ୍ୟକ କର୍ମଚାରୀଙ୍କ ତାଲିକା, ଦରମା ବାବଦ ବ୍ୟୟ , ନୂଆ କୋଠା ନିର୍ମାଣ, ଆଇଟି ଭିତ୍ତିଭୂମି ଓ କର୍ମଚାରୀ କ୍ୱାର୍ଟର୍ସ ପାଇଁ ଆବଶ୍ୟକ ଅର୍ଥ ବିବରଣୀ ଦାଖଲ କରିବାକୁ କୁହାଯାଇଛି ।

### ରାଜ୍ୟରୁ ତଡାହେବେ ବେଆଇନ...

ତାହା ସତ୍ତ୍ୱେ ଯେଉଁମାନେ ଅନୁପ୍ରବେଶ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ପାଇଁ ସମସ୍ତ ବ୍ୟବସ୍ଥା ହାତକୁ ନିଆଯାଇଥିବା କହିଛନ୍ତି ଆଇନ ମନ୍ତ୍ରୀ । ଜଗତସିଂପୁର ବେହେରାମପୁର ବସ୍ତିର ବାଂଲାଦେଶୀ ଆଡ୍ଡା ଉପରେ କାର୍ଯ୍ୟାନୁଷ୍ଠାନ ପରେ ଯାଞ୍ଚ ଆରମ୍ଭ କରିଛି ପୋଲିସ । ଜଗତସିଂପୁର ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନକରି ୪ ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଗିରଫ କରିଥିବା ବେଳେ ବାକି ୧୦ରୁ ଅଧିକ ଫେରାର୍ ଅଛନ୍ତି । କିଛି ସନ୍ଦିଗ୍ଧଙ୍କ ଆଧାର ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରୁଛି ପୋଲିସ । ତେବେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର ଆଲମ ଓରଫ ସିକୋ ଭଡ଼ା ଘରେ ଲାଗିଥିବା ୧୦ରୁ ଅଧିକ ସିସିଟିଭି ଏବଂ ତାର ହାର୍ଡଡିସ୍କ ସହ ଫେରାର୍ ଥିବା ବେଳେ ଆଜି ପୋଲିସ ତାର କାର ଓ ପାସପୋର୍ଟକୁ ଜବତ କରିଛି । ପାସପୋର୍ଟ ରଦ୍ଦ ସହ ତା ବିରୁଦ୍ଧରେ ଲୁକ ଆଉଟ୍ ନୋଟିସ୍ ପାଇଁ ପଦକ୍ଷେପ ନେବୁ ବୋଲି କହିଛନ୍ତି ଜଗତସିଂହପୁର ଏସପି । ଏହି ଆଡ୍ଡାରେ ପୋଲିସର ଚଢାଉ ବେଳେ ବିପୁଳ ପରିମାଣରେ ମାରଣାସ୍ତ୍ର ମିଳିଥିଲା ।

# ବେତଡାରେ ବିଜେପି ପକ୍ଷରୁ ବିଜୟ ଦିବସ



ବାସୁଦେବପୁର, ୧୮/୧୧ (ନି.ପ୍ର): ନୂଆପଡ଼ା ଉପ ନିର୍ବାଚନ ଓ ବିହାର ବିଧାନ ସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରିପ୍ରେକ୍ଷୀରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ବଜାର ଠାରେ ବିଜେପି ପକ୍ଷରୁ ବିଜୟ ଦିବସ ପାଳିତ ହୋଇ ଯାଇଛି । ଏହି ବିଜୟ ଉତ୍ସବରେ ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ବିଜେପି ର ପ୍ରତାପ ସେନାପତି,ବିଜେପି ନେତା ଓ କର୍ମୀ ସୁବାସ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ଲେଙ୍କା, ପଭାସ ଚନ୍ଦ୍ର ମହାନ୍ତି ଓ ଅନ୍ୟାନ୍ୟ କର୍ମୀ ବନ୍ଧୁ ଯୋଗ ଦେଇଥିଲେ । ଯୁବ କର୍ମୀ ମାନେ ସ୍ଲୋଗାନ ଦେଇଥିଲେ ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିନ୍ଦାବାଦ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିନ୍ଦାବାଦ, ଭାରତ ମାତା କି ଜୟ । ସମସ୍ତେ ବାଣ ଫୁଟାଇ ଥିଲେ ଓ ବିଭିନ୍ନ ଲୋକ ମାନଙ୍କୁ ମିଠା ବଣ୍ଟନ କରିଥିଲେ ଏବଂ ପରସ୍ପର ସମସ୍ତେ ସମସ୍ତ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଏହା ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ



ବାଲେଶ୍ୱର, ୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମୁକୁଳୁସି ପଞ୍ଚାୟତ ଅନ୍ତର୍ଗତ ରାଇମଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସୋନାଲି ଜେନା ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରି ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଗୋଚ୍ଛାୟତ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ପାତ୍ର ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ । କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ମାଧ୍ୟମରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ । ବିଜ୍ଞାନ ଶିକ୍ଷକ ଲୋକନାଥ ମହାନ୍ତଙ୍କ ତତ୍ତ୍ୱାବଧାନରେ ବରିଷ୍ଠ, କନିଷ୍ଠ ଓ ସର୍ବକନିଷ୍ଠ ବିଭାଗରେ ମୋଟ୍ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ ହୋଇଥିଲା । ଶିକ୍ଷକ ଦୀପଙ୍କର ବର୍ମନ, ରଞ୍ଜନ କୁମାର ମହାଲ, ମୁରଲୀଧର ପରିଡ଼ା, ଗୌରଶ୍ୟାମ ନାୟକ, ଲଲାଟେନ୍ଦୁ ଦେ, ଶିକ୍ଷୟିତ୍ରୀ ରୁକ୍ମଣୀ ହେମ୍ବ୍ରମ, ସୌଦାମିନୀ ସାହୁ, ସଂଯୁକ୍ତା ମାଝି, ଅଭିଲିପ୍ସା ମିଶ୍ର, ଦୀପ୍ତିରାଣୀ ଦାସ, ଭାରତି ଧଳ, ଗୀତାଞ୍ଜଳି ପ୍ରଧାନ, ପ୍ରମିଳା ମହାନ୍ତି, ମୀନାରାଣୀ ମୁର୍ମୁ, କର୍ମଚାରୀ ମନୋରଞ୍ଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପ୍ରେସ ଦିବସ ସମାରୋହ ଉଦ୍‌ଯାପିତ




ଜଳେଶ୍ୱର, ୧୮/୧୧ (ନି.ପ୍ର): ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଦୁଇଦିନିଆ ଜାତୀୟ ପ୍ରେସ ଦିବସ ସମାରୋହ ଗତକାଲି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି ।ଉଦଯାପନୀ ସନ୍ଧ୍ୟାରେ ସଂଘ ର ସଭାପତି ଅମର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି,ମୁଖ୍ୟ ବକ୍ତା ଭାବେ ଗୌରାଙ୍ଗ ଚରଣ ଘୋଷ,ଅନ୍ୟତମ ଅତିଥି ଭାବେ ସଂଘର ଉପଦେଷ୍ଟା ସିତାଂଶୁ ସେନାପତି,ସଂଘ ସମ୍ପାଦକ ସତ୍ୟବ୍ରତ ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଗୋପବନ୍ଧୁ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ନୃତ୍ୟ ଓ ସଙ୍ଗୀତ ରେ ଜୁନିଅର ଓ ସିନିଅର ବର୍ଗର କୃତି ପ୍ରତିଯୋଗୀଙ୍କୁ ସଭାରେ ନଗଦ ଅର୍ଥରାଶି,ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି ପୁରସ୍କାର ବିତରଣ ସଭାକୁ ରାଜେଶ ପ୍ରଧାନ ପରିଚାଳନା କରିଥିଲେ ।ସଂଘ ର ସମସ୍ତ ସଭ୍ୟ ସଭ୍ୟା ମାନଙ୍କୁ ମଧ୍ୟ ଉତ୍ତରୀୟ ଓ ମୋମେଣ୍ଟ ପ୍ରଦାନ କରାଯାଇଥିଲା । ଯୁବ ସମାଜସେବୀ ରାଜେଶ ଖଟୁଆ,ରାଜୀବ ପରିଡା, ଉଦ୍ୟୋଗୀ ଇଶ୍ୱର ଚରଣ ଦାସ,ଭାସ୍କର ରଞ୍ଜନ ସ୍ୱାଇଁ ଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା ।ବରିଷ୍ଠ ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶେଷରେ ରାଜେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ସଭା ପରେ ଭୋଗରାଇର ଏମଡି ରକ ମେଲୋଡି ପାର୍ଟି ଦ୍ୱାରା ବିଳମ୍ବିତ ରାତି ଯାଏଁ ମେଲୋଡି ପରିବେଷଣ ହୋଇଥିଲା ।

ବୁଧବାର, ନଭେମ୍ବର ୧୯, ୨୦୨୫

# ଧ୍ୱନି ପ୍ରତିଧ୍ୱନି

## ବିଭିନ୍ନ ଦାବି ନେଇ ବସ୍ତା ଷ୍ଟେସନ ସମ୍ମୁଖରେ ଆମରଣ ଅନଶନ

ବସ୍ତା, ୧୮/୧୧ (ନି.ପ୍ର):ଇଷ୍ଟ କୋଷ୍ଟ ଏକ୍ସପ୍ରେସ,ଭୁବନେଶ୍ୱର ହାଓଡା ଜନ ଶତାବ୍ଦୀ ଏକ୍ସପ୍ରେସ,ଓଡିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ, ନୀଳାଚଳ ଏକ୍ସପ୍ରେସ,ମାଲଦା ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ, ଲେଭଲ କ୍ରସିଂ ର ବ୍ଲକ ରାସ୍ତାରେ ରୋଡ଼ ଓଭର ବ୍ରିଜ,ବସ୍ତାକୁ ଅମୃତ ଭାରତ ଷ୍ଟେସନର ମାନ୍ୟତା,୪ ନଂ ପ୍ଲାଟ ଫର୍ମ ସହିତ ଫୁଟ ଓଭର ବ୍ରିଜ ନିର୍ମାଣ ସମେତ ବିଭିନ୍ନ ଦାବି ନେଇ ଝାଡ଼ ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଆଜି ବସ୍ତା ରେଳ ଷ୍ଟେସନ ଆଗରେ ଆମରଣ ଅନଶନ ହୋଇଛି ।ଅନଶନ ସ୍ଥଳରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ବାଲେଶ୍ୱର ଜିଲା ସଭାପତି କମଳ ଲୋଚନ ଜେନା,ଏମ୍ ଜେଡ କାଦ୍ରୀ, କୁମୁଦ ରଞ୍ଜନ ଗିରି , ଗୌତମ ବେହେରା, ଶମ୍ଭୁନାଥ ବେହେରା, ପ୍ରଶାନ୍ତ ପାତ୍ର, ଅଶିମ ଅହମଦ ସମେତ ମୋର୍ଚ୍ଚା ର ନେତୃ ମଣ୍ଡଳୀ ଭାଷଣ ଦେଇ ଦାବି ଗୁଡିକ ଯଥାର୍ଥ ଦର୍ଶାଇ ଏହା ପୂରଣ ପାଇଁ ଜନମତ ସୃଷ୍ଟି କରିବା ସହିତ ରେଳ କର୍ତ୍ତୃପକ୍ଷ ଙ୍କ ଠାରେ ଦାବି କରିଥିଲେ ।ମୋର୍ଚ୍ଚା ଜିଲା ସଭାପତି ଜେନା,ଲିଲି ମୁଖୀ,ପଦ୍ମିନୀ ଦାସ,ପାର୍ବତୀ ରାଉତ,ମୀନା କିସ୍କୁ, ଗୁରୁବାରୀ ମୁର୍ମୁ,ଅଞ୍ଜଳୀ ରାମ,ସରସ୍ୱତୀ ପ୍ରାମାଣିକ,



ଅନୁରାଧା ଗିରି,ରମଣୀ ରାମ ଆମରଣ ଅନଶନରେ ବସି ଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଳକୁ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ କେହି ଆସି ନଥିବା ଜଣାଯାଇଛି।

## ସଦର ବ୍ଲକ୍‌ରେ 'ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫' ଉତ୍ସାହଭରା ଆୟୋଜନ

ବାଲେଶ୍ୱର, ୧୮/୧୧ (ନି.ପ୍ର): ସଦର ବ୍ଲକର ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପଳଗାଁ ଠାରେ ଆଜି 'ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫' ଗାମ୍ଭୀର୍ଯ୍ୟ ଓ ଉତ୍ସାହର ସହ ଆୟୋଜିତ ହୋଇଥିଲା। ମେଳାର ଉଦ୍ଦେଶ୍ୟ ଥିଲା ମତ୍ସ୍ୟଚାଷ ଓ ପଶୁସଂପଦ ପ୍ରତି ଚାଷୀମାନଙ୍କ ଆଗ୍ରହ, କୌଶଳ ଓ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ସହିତ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବଢ଼ାଇବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ମାନ୍ୟବର ବିଧାୟକ ସଦର, ଶ୍ରୀଯୁକ୍ତ ମାନସ କୁମାର ଦତ୍ତ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ—ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନ ମାନ୍ୟବର ବିଧାୟକ ରେମୁଣା ତଥା ଉପମୁଖ୍ୟ ସଚେତକଙ୍କ ଲୋକପ୍ରତିନିଧି ଶ୍ରୀଯୁକ୍ତ ଲମ୍ବୋଦର ପ୍ରଧାନ, ମାନ୍ୟବର ପଞ୍ଚାୟତ ସମିତି ସଦର ଅଧ୍ୟକ୍ଷା ଶ୍ରୀମତୀ ସୁନୀତା ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶ୍ରୀ ରେଶ୍ମା ରାଣୀ ସିଂ। ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱର, ଡ଼ା. କୃଷ୍ଣ କେଶବ ଷଡ଼ଙ୍ଗୀ। କାର୍ଯ୍ୟକ୍ରମର ସଭାପତି ଭାବେ ନେତୃତ୍ୱ କରିଥିଲେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା। ମେଳାରେ ବିଭିନ୍ନ ବିଭାଗର ମୋଟ ୧୪ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପିତ ହୋଇଥିଲା; ପ୍ରାଣୀ ସମ୍ପଦ ବିକାଶ ବିଭାଗର ୪, ମତ୍ସ୍ୟ ବିଭାଗର ୪, ପଞ୍ଜିକରଣ ୨, କୃଷି ବିଭାଗ ୧, ଉଦ୍ୟାନ କୃଷି ବିଭାଗ ୧, ମିଶନ ଶକ୍ତି ୧ ଓ ଢଗରଉଡ ର ୧। ଅତିଥିମାନେ ସମସ୍ତ ଷ୍ଟଲ ପରିଦର୍ଶନ କରି ବିଭିନ୍ନ ପ୍ରଦର୍ଶନୀ ସମ୍ପର୍କରେ ସୂଚନା ନେଇଥିଲେ। ମେଳାରେ ମୋଟ ୮ ଜଣ ସଫଳ ଚାଷୀଙ୍କୁ— ପ୍ରାଣୀ ସମ୍ପଦ ବିଭାଗର ୪ ଓ ମତ୍ସ୍ୟ ବିଭାଗର ୪— ଟଙ୍କା ୧୦୦୦/-, ଉତ୍ତରୀୟ ଓ ସ୍ମୃତିଚିହ୍ନ ଦ୍ୱାରା ପୁରସ୍କୃତ କରାଗଲା। ଏହା ସହିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅନ୍ୟ ୪ ଜଣ ଉତ୍ସାହୀ ଚାଷୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଗଲା। ବ୍ଲକ୍ କଳା ସଂସ୍କୃତି ସଂଘର ଅନୁବନ୍ଧିତ ଗ୍ରୁପ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା ଓ ନାଟ୍ୟ ପରିବେଷଣ ମେଳାକୁ ଆନନ୍ଦମୟ କରିଥିଲା। ଚାଷୀ ବିଭାଗୀୟ ଅଧିକାରୀମାନଙ୍କ ସହ ମତ ବିନିମୟ ଅଧିବେଶନରେ ଚାଷୀମାନେ ତାଙ୍କ ଅଭିଜ୍ଞତା ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସଦର ବ୍ଲକର ୩୭ ପଞ୍ଚାୟତର ମୋଟ ୭୪୦ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷୀ ଏହି ମେଳାରେ ଯୋଗଦେଇଥିଲେ। ଏହି ମେଳା ମତ୍ସ୍ୟ ଓ ପଶୁସଂପଦ କ୍ଷେତ୍ରର ବିକାଶ, ଚାଷୀମାନଙ୍କ ସ୍ୱାଧୀନତା ଓ ଆର୍ଥିକ ସମୃଦ୍ଧି ପାଇଁ ଏକ ମାଇଲସ୍ତମ୍ଭ ଭାବେ ପରିଚୟ ଦେଲା।



## ଡା. ତ୍ରିନାଥ ପାଲଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର, ୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଡା. ତ୍ରିନାଥ ପାଲଙ୍କ ଅକାଳ ବିୟୋଗରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡା. ଅମୂଲ୍ୟ ଦାସ, ଡା. ସଞ୍ଜିବ ପ୍ରଧାନ, ଡା. ଶୁଭ୍ରାଂଶୁ ପରିଡ଼ା, ଡା. ସୁଜିତ ମହାପାତ୍ର, ଡା. କ୍ଷୀରୋଦ ପାଲ, ଡା. ଜିତେନ ସୋରେନ, ଡା. ରାଜେନ୍ଦ୍ର ସିଂହ, ଡା. ଗୁରୁଦାସ ମହାପାତ୍ର, ଡା. ବସନ୍ତ ଉପାଧ୍ୟାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଡା. ପାଲଙ୍କ ସ୍ମୃତିଚାରଣ କରିଥିଲେ । ଡା. ପାଲ ଜଣେ ଅମାୟିକ, ନିଷ୍କପଟ, ପରୋପକାରୀ ଡାକ୍ତର ଭାବେ ଜଣାଶୁଣା ଥିଲେ । ତାଙ୍କର କାର୍ଯ୍ୟଶୈଳୀ ଓ କାର୍ଯ୍ୟ ଦକ୍ଷତା ସମସ୍ତଙ୍କୁ ଆପଣାର କରିଥିଲା । ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସୂଚନା ଯେ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ତ୍ରିନାଥ ପାଲ (୫୩) ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓପିଡ଼ିରେ ରୋଗୀ ଦେଖୁଥିବା ସମୟରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ ।

## ସମବାୟ ସମିତିରେ ଦୁର୍ନୀତିକୁ ନେଇ ତାତିଲା ଚାଷୀ ସଂଗଠନ: ୨୧ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ରାସ୍ତାରୋକ ଚେତାବନୀ

ନୀଳଗିରି, ୧୮/୧୧ (ନି.ପ୍ର): ନୀଳଗିରି ଉପଖଣ୍ଡ ମାଟିଆଳୀ ବୃହଦାକାର ବହୁମୁଖୀ ସମବାୟସମିତି ଅଧୀନରେ ମାଟିଆଳୀ,ଛତ୍ରପୁର ଏବଂ ବରହମପୁର ନାମକ ତିନୋଟି ଶାଖାସମିତି ଗଠିତହୋଇ ଚାଷୀମାନଙ୍କୁ ସେବାଯୋଗାଇ ଆସୁଥିବାବେଳେ ବିଗତ କିଛିବର୍ଷ ଧରି ବ୍ୟାପକ ଅନିୟମିତତା ହେଉଥିବାର ଉକ୍ତ ଅଞ୍ଚଳର ଚାଷୀସମୂହକୁ ନେଇ ଗଠିତ 'ଚାଷୀସୁରକ୍ଷା ସମିତି' ଅଭିଯୋଗ କରିଛି। ଫଳରେ ଚାଷୀସମୂହ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।୨୧ଦିନ ମଧ୍ୟରେ ଏହାର ସଠିକ ସମାଧାନ ନହେଲେ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇବା ସହିତ ରାସ୍ତାରୋକ କରିବାକୁ ଆଜି ବାଲେଶ୍ୱର ଡିଆରସିଏସ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ମୁଖ୍ୟତଃ ଚଳିତବର୍ଷ ଚାଷୀଙ୍କୁ ସରକାରୀ ଦରରେ ସାରଯୋଗାଣ କରାନଯାଇ ନଥିବା ବେଳେ ପୂର୍ବବର୍ଷ ଗୁଡିକରେ ଯେଉଁ ସଂସ୍ଥାଠାରୁ ସାର କ୍ରୟ କରାଯାଇଥିଲା ତାହାର ଟଙ୍କା ପୈଠ କରାନଯାଇ ହଡପ କରାଯାଇଥିବା ଅଭିଯୋଗ ହେଇଛି ।ସେହିପରି ବିନା ରସିଦରେ ଚାଷୀମାନଙ୍କ ଠାରୁ ଋଣ ପରିଶୋଧ ବାହାନାରେ ୫୦ ରୁ ୫୦୦ ଟଙ୍କା ଆଦାୟ କରାଯାଇଛି ଏପରିକି ଛତ୍ରପୁର ଓ ମାଟିଆଳୀ ଶାଖାରେ ଅଫିସ ଓ ଗୋଦାମ ଘରନଥିବାରୁ ଅନ୍ୟତ୍ର ଭଡାଘର ନେଇ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି ।ଖରିଫଧାନ ବିକ୍ରି ଅନଲାଇନ ରେଜିଷ୍ଟ୍ରେସନରେ ହେରଫେର , ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀଙ୍କଠାରୁ ଶହଶହ ଟନ ଧାନ ମିଲରକୁ ପଠାଯାଇଥିବା ବେଳେ ପ୍ରକୃତ ଚାଷୀଙ୍କୁ ବିଭିନ୍ନ ବାହାନା ଦେଖାଇ ବାଦ କରାଯାଇଛି। ଲ୍ୟାମ୍ପର ତିନୋଟିଶାଖା ଥିବାବେଳେ ବରହମପୁର ମୁଖ୍ୟକାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ରହୁଛନ୍ତି ଓ ସେଠାରେ ମଦର ଆସର ଜମୁଥିବା ଅଭିଯୋଗ ହୋଇଛି। ସବୁଠୁଁ ଗୁରୁତ୍ୱପୂର୍ଣ୍ଣ କଥା ଚଳିତବର୍ଷ ମାଟିଆଳୀ ଲ୍ୟାମ୍ପରେ ସାର କିଣାନଯାଇଥିବାରୁ ସରକାରଙ୍କ ନୂଆନିୟମ ଅନୁଯାୟୀ ଖରିଫଧାନ କିଣାଯିବାପାଇଁ ସ୍ୱୀକୃତି ମିଳିବକି ନାହିଁ ଆଶଙ୍କା ରହିଥିବା ଅଭିଯୋଗ ହୋଇଛି ।ଏହି ଦାବୀପତ୍ର ପ୍ରଦାନ ସମୟରେ ଚାଷୀ ଅକ୍ଷୟ ବେହେରା,ଅମରେନ୍ଦ୍ର ନାୟକ , ଅରୁଣ କୁମାର ଦାସ,ଉପେନ୍ଦ୍ର ଦାସ, ରାହାସମଣୀ ମଢେଇ, ତ୍ରିଲୋଚନ ବେହେରା, କୌଶଲ୍ୟା ସାହୁ , ଯତିନ୍ଦ୍ରନାଥ ବେହେରା, ରବୀନ୍ଦ୍ର ମଣ୍ଡଳ,ଅଶ୍ୱିନୀ ଦାସ ,ପ୍ରଫୁଲ୍ଲ ସାହୁ,ମହେନ୍ଦ୍ର ସାହୁ ପ୍ରମୁଖ ବହୁଚାଷୀ ନେତା ଉପସ୍ଥିତ ରହିଥିଲେ ।ଏ ନେଇ ସମବାୟ ସମିତିର ଉପନିବନ୍ଧକ ସରୋଜିନୀ ନାୟକଙ୍କୁ ପଚାରିବାରୁ ମୋ ପାଖରେ ଦାବୀପତ୍ର ପହଞ୍ଚିଛି ଖୁବଶୀଘ୍ର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ଯଦି କୌଣସି ତ୍ରୁଟି ବା ଅନିୟମିତତା ଦେଖାଯାଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।



## ଜାଲ ସାର୍ଟିଫିକେଟ ଦେଇ ତିଗିରିଆ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ : ସାଧାରଣରେ ଆଲୋଡନ

ବସ୍ତା, ୧୮/୧୧ (ନି.ପ୍ର): ରାଜ୍ୟରେ ଜାଲ ବା ନକଲି ସାର୍ଟିଫିକେଟ ଦାଖଲ କରି ଶିକ୍ଷକ ଚାକିରୀ କରିଥିବା ବେଳେ ସରକାର ଏସବୁକୁ ରୀତିମତ ଧରୁଥିବା ନେଇ ସାଧାରଣରେ ଆଶ୍ୱସ୍ତ ପ୍ରକାଶ ପାଇଛି ।ମାତ୍ର ବସ୍ତା ବ୍ଲକର ମଥାନୀ ପଞ୍ଚାୟତ ର ତିଗିରିଆ ଫୁଲମଣି ବିଦ୍ୟାପୀଠ (ହାଇସ୍କୁଲ)ରେ ଜାଲ ସାର୍ଟିଫିକେଟ ରେ ଚାକିରୀ କରିଥିବା ବିଜ୍ଞାନ ଶିକ୍ଷକ ତାପସ କୁମାର ଦାସ ଙ୍କ କ୍ଷେତ୍ରରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନଥିବା ଜଣାଯାଇଛି ।ସେ ୨୦୦୭ ମସିହାରୁ ଏହି ସ୍କୁଲରେ ଚାକିରୀ କରିଛନ୍ତି ।ତାଙ୍କ ସମ୍ପର୍କରେ ତିଗିରିଆର ସ୍ୱେଚ୍ଛାସେବୀ ଦିଲୀପ କୁମାର ଦଣ୍ଡପାଟ ଆର ଟି ଆଇ ରେ ତଥ୍ୟ ମାଗିବାରୁ ଶିକ୍ଷକ ଦାସ ଜାଲ ସାର୍ଟିଫିକେଟ ରେ ଚାକିରୀ କରିଛନ୍ତି ବୋଲି ଜଣାପଡିଛି ।ଏଥିନେଇ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି।



## ନୂଆପଡ଼ା ପରେ ବିଜେପିର ରାଜ୍ୟ ସଭା ମିସନ୍ : ସୁଜିତ୍ କୁମାର

ଭୁବନେଶ୍ୱର, ୧୮/୧୧ (ନି.ପ୍ର): ଆସନ୍ତା ବର୍ଷ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ସିଟ୍ ରୁ ଦୁଇଟି ବିଜେପିର କ୍ଲିୟର ଅଛି। ଗୋଟିଏ ବିଜେଡ଼ିକୁ ଯିବ। ଗୋଟିଏ ସିଟ୍ ରେ ସଂଖ୍ୟା ଦ୍ୱନ୍ଦ ରହିଛି। ବିଜେପି ଚତୁର୍ଥ ସିଟ୍ କୁ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ଦଳ ନିହାତି ନେବା ବି ଦରକାର ବୋଲି ସାଂସଦ ସୁଜିତ୍ କୁମାର କହିଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ବର୍ଷ ଏପ୍ରିଲରେ ୪ ଟି ରାଜ୍ୟ ସଭା ସିଟ୍ ଖାଲି ହେବ। ସୁଜିତ୍ କୁମାର, ମମତା ମହାନ୍ତ, ମୁନା ଖାଁ ଓ ନିରଞ୍ଜନ ବିଶି ଙ୍କ ସିଟ୍ ଖାଲି ହେବ। ନୂଆପଡ଼ାରେ ଦଖଲ ପରେ ସୁଜିତ୍ ଙ୍କ କାର୍ଯ୍ୟକୁ ଗତକାଲି ମୁଖ୍ୟମନ୍ତ୍ରୀ ପ୍ରସଂଶା କରିଥିଲେ। ଦଳ ତାଙ୍କୁ ପୁରସ୍କାର ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସୁଜିତ୍ କହିଛନ୍ତି କଳାହାଣ୍ଡି ବିଷୟରେ ମୋର ଅଭିଜ୍ଞତା ଅଛି। ଦଳର ସଂସଦୀୟ ବୋର୍ଡ ଚୁଡାନ୍ତ ନିଷ୍ପତି ନେବ।

## ମେଡିସିନ ଦୋକାନରୁ ଟଙ୍କା ଚୋରିକରି ଗିରଫ ହେଲେ ଯୁବକ

ନୀଳଗିରି , ୧୮/୧୧ (ନି.ପ୍ର): ନୀଳଗିରି ଦୁର୍ଗାମଣ୍ଡପ ନିକଟ ରଘୁନାଥ ମେଡିସିନ ଦୋକାନରୁ ଆନୁମାନିକ ୪୦ରୁ ୫୦ହଜାର ଟଙ୍କା ଚୋରିକରି ଧରାପଡ଼ିବାପରେ ଯୁବକ ଜଣକୁ ଉତ୍ତମମଧ୍ୟମ ଦେଇ ପୋଲିସରେ ଜିମା ଦିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ରଘୁନାଥ ମେଡିସିନ ଦୋକାନର ମାଲିକ ପାଣି ଆଣିବାକୁ ଯାଇଥିବାର ସୁଯୋଗନେଇ ପୋଡ଼ାଶୁଳ ଅଞ୍ଚଳର ଚୈତନ୍ୟ ସିଂ ନାମକ ଜୈନିକ ଯୁବକ ଦୋକାନରେ ପଶି ଟଙ୍କା ଲୁଟକରି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକ ନିକଟସ୍ଥ ଫଳଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚକରି ସଂପୃକ୍ତ ଯୁବକକୁ ଚିହ୍ନଟ କରିଥିଲେ। ପରେ ଯୁବକକୁ କାବୁକରି ବହେ ଛେଚିବା ପରେ ଏକ ଅଧାପନ୍ତରିଆ ଘରେ ଲୁଚାଇ ରଖିଥିବା ଟଙ୍କାକୁ ଉଦ୍ଧାରକରି ସ୍ଥାନୀୟ ପୋଲିସରେ ଜିମା ଦେଇଥିଲେ ।ତେବେ ଯୁବକ ଜଣକ ପୂର୍ବରୁ ଏହିଭଳି ଅନେକଥର ଯୁବକଜଣକ ଚୋରିକରି ବନ୍ଧାହୋଇଥିବା ସୂଚନା ରହିଛି।

## ଓଡିଶା କୃଷକସଭା କମିଟି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ଖଇରା, ୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଓଡିଶା କୃଷକ ସଭା କମିଟି ପକ୍ଷରୁ ୪ଦଫା ଦାବି ସମ୍ବଳିତ ଏକ ସ୍ମାରକ ମଙ୍ଗଳବାର ଅପରାହ୍ନରେ ଖଇରା ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଛି । ଦାବି ମଧ୍ୟରେ ନଭେମ୍ବର ୩୦ ସୁଦ୍ଧା ସମସ୍ତ ଧାନ ମଣ୍ଡି ଖୋଲିବା,ବିଭିନ୍ନ ଆଳରେ ରେସନ କାର୍ଡ କାଟିବା ବନ୍ଦକରି ନୂତନ ଆବେଦନକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା, ସମସ୍ତ ଭତ୍ତାଧାରୀଙ୍କୁ ୩ହଜାର ଟଙ୍କା ପ୍ରଦାନ,ବିଦ୍ୟୁତର ଘରୋଇକରଣ କୁ ବନ୍ଦ କରିବା ସହ ୩ଶହ ୟୁନିଟ ମାଗଣା ବିଜୁଳି ପ୍ରଦାନ ଇତ୍ୟାଦି ଦାବି ଅନ୍ତର୍ଭୁକ୍ତ । କୃଷକ ମୋର୍ଚ୍ଚା ର ରାଜ୍ୟ ସଭାପତି ସିତାଂଶୁ ସେନାପତି ,ଜିଲା ସମ୍ପାଦକ ଦିଲ୍ଲିପ ଗିରି ,ଖଇରା କମିଟି ସଭାପତି ଭଗବାନ ଦାସ, ଜଗତାନନ୍ଦ ମହାପାତ୍ର, ମୂରଲିଧର ବେହେରା, ଦାମୋଦର ସେନାପତି, ଦୟାନିଧି ବେହେରା ଓ ସମ୍ପାଦକ ଉତ୍ତମ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ଅବସରରେ ବିଡିଓଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଅଷ୍ଟମ ସନ୍ଧ୍ୟା ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ

ଭଦ୍ରକ, ୧୮/୧୧ (ନି.ପ୍ର): ସରକାରଙ୍କ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ହେଉ କିମ୍ବା ଆଇନ ଓ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ ଓ ସୁସ୍ଥ ଭାବେ ପରିଚାଳନା କରିବା ହେଉ କିନ୍ତୁ ଜନସେବା ପ୍ରଶାସନର ପ୍ରାଥମିକତା ହେବା ବିଧେୟ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଅଷ୍ଟମ ସଂନ୍ଧ୍ୟାରେ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଅଷ୍ଟମ ସନ୍ଧ୍ୟାକୁ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସମାଜସେବୀ କପିଳ ଚରଣ ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ଜନ ସେବାରେ ପ୍ରଶାସନର ଭୂମିକା' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ଉପଦେଷ୍ଟା ରୋଟାରିୟାନ ଅତିସ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସମାଜସେବୀ ସୀତାକାନ୍ତ ଦାସ ବିଶିଷ୍ଟ ଅତିଥି, ଗାନ୍ଧୀ ବାଳାଶ୍ରମ, ଭଦ୍ରକର ସମ୍ପାଦକ ଅଶୋକ କୁମାର ଦାସ, ବରେଣ୍ୟ ଅତିଥି ,ଜଗା ଚାକର ସଙ୍ଘ, ପୁରୀର ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ମୁଖ୍ୟ ବକ୍ତା,ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନର ସମ୍ପାଦିକା ଅଞ୍ଜନା ମିଶ୍ର, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। କବୟିତ୍ରୀ ରତିକା ନାୟକ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ ଓ ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହୋତ୍ସବର ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ମଂଚ ପରିଚାଳନା କରିଥିଲେ ଏବଂ ମହୋତ୍ସବ ସହ ସମ୍ପାଦିକା ମନୋରମା ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ। ଏହି ସନ୍ଧ୍ୟାରେ ବିଶିଷ୍ଟ ହାସ୍ୟ ଅଭିନେତା ନିମାନନ୍ଦ ସାହୁ ଓ ଦୂରଦର୍ଶନ ଧାରାବାହିକ ଅଭିନେତ୍ରୀ ମିସ୍ ଜୁଲି ସଂଳାପ ପରିବେଷଣ ଓ ମନମୋହନ ସଂଗୀତ ପରିଷଦ ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




## ମୃତକଙ୍କ ପରିବାରକୁ ସାହା ଆୟୁଷ୍ମାନ ଫାଉଣ୍ଡେସନ

ଖଇରା, ୧୮/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମ ପଞ୍ଚାୟତ ଅଧୀନ ସୁଜାଗଡ ଖଡିପଦା ଗ୍ରାମର ଦାଶରଥି ପାତ୍ରଙ୍କ ଅକାଳ ବିୟୋଗରେ ପରିବାର ଲୋକ ଦୁର୍ଦ୍ଦଶାରେ କାଳାତିପାତ କରୁଥିଲେ । ଖବର ପାଇ ଆୟୁଷ୍ମାନ ଫାଉଣ୍ଡେସନର ସଦସ୍ୟ ମାନେ ସହଯୋଗର ହାତ ବଢାଇଛନ୍ତି ।ଫାଉଣ୍ଡେସନର ଉପସଭାପତି ମେଘା ଦାସ,ସଦସ୍ୟ ଦାଶରଥି ଦାସ,ଜୟନ୍ତ ଦାସ,ଗୌରାଙ୍ଗ ଦାସ,ବିପ୍ଲବ ମୁଖି ପ୍ରମୁଖ ମୃତକ ଦାଶରଥିଙ୍କ ପରିବାରକୁ ଭେଟି ରେସନ ଓ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ସଙ୍ଗଠନର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚମ୍ପିୟାନସିପରେ ପିପିପୁର ସ୍କୁଲର ଦୁଇ ଖେଳାଳି

ବାରିପଦା , ୧୮/୧୧ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବନାଇ ଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚମ୍ପିୟାନସିପ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଚଳିତ ମାସ ୨୦ ରୁ ୨୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ୧୪ ବର୍ଷରୁ କମ ମୟୁରଭଞ୍ଜ ଦଳରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗାଜ ଟୁଡୁ ( ୭ମ ଶ୍ରେଣୀ ) ଓ ନିମାଇଁ ମୁର୍ମୁ ( ୮ମ ଶ୍ରେଣୀ )ସ୍ଥାନ ପାଇଛନ୍ତି ଓ ଉଭୟ ଖେଳାଳି ବିଶୋଇ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଚମ୍ପିୟାନସିପରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଏହି ସୁଯୋଗ ପାଇଥିବାରୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, କ୍ରୀଡା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି ସମେତ ସମସ୍ତ ଶିକ୍ଷକ /ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।



## ଗଞ୍ଜେଇ ବେପାରୀ ଗିରଫ: ୧ଲକ୍ଷ ୫ହଜାର ଟଙ୍କାର ଗଞ୍ଜେଇ ଜବତ

ବସ୍ତା, ୧୮/୧୧ (ନି.ପ୍ର): ବସ୍ତା ଥାନା ମୁକୁଳିସି ଛକରୁ ଗଞ୍ଜେଇ ବେପାରୀକୁ ଗିରଫ କଲା ମୋବାଇଲ ସ୍କ୍ୱାର୍ଡ ଟିମ୍ । ଗିରଫ ଯୁବକ ଜଣକ ହେଲେ ସିଂଲା ଥାନା ସାହାଡ଼ା ଗ୍ରାମର ମନୋରଞ୍ଜନ ନାଥ । ଆଜି ସକାଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଏସପି ମୋନଜ ସେଠୀଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡର ୧୦ ଜଣିଆ ଟିମ୍ ମୁକୁଳିସି ଛକରେ ଚଢ଼ାଉ କରି ଗଞ୍ଜେଇ ବେପାରୀକୁ ଗିରଫ କରି ୧୦ କେଜି ୫୦୦ ଗ୍ରାମ ଗଞ୍ଜେଇ ସହ ଏକ ବାଇକ ଜବତ କରିଥିବା ସୂଚନା ମିଳିଛି ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida